ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Vol.26 . No.70 Bhubaneswar Sunday April 21 2024 | ୨୬ତମ ବର୍ଷ ସଂଖ୍ୟା-୭୦ ଭୁବନେଶ୍ୱର, ରବିବାର, ଅପ୍ରେଲ ୨୧, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS


## ସିଦ୍ଧାର୍ଥ, ସିପ୍ରା ଓ ସୋନାଲିଙ୍କୁ ଟିକେଟ ଦେଲା କଂଗ୍ରେସ, କେନ୍ଦୁଝରରେ ବଦଳାଇଲା ପ୍ରାର୍ଥୀ





ଭୁବନେଶ୍ୱର,୨୦।୪(ପି.ଏନ): କଂଗ୍ରେସ ଆଜି ଆଉ ଏକ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏଥିରେ ୩ଟି ଲୋକସଭା ଓ ୧୬ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି।ସମ୍ବଲପୁର, ଆସିକା ଓ କେନ୍ଦୁଝର ଲୋକସଭା ଆସନ ପାଇଁ ଦଳ ପ୍ରାର୍ଥୀ ଘୋଷଣା କରିଛି। କେନ୍ଦୁଝର ପାଇଁ ଦଳ ପୂର୍ବରୁ ମୋହନ ହେମ୍ବ୍ରମଙ୍କ ନାଁ ଘୋଷଣା କରିଥିଲା। ତେବେ ଏହି ଆସନ ପାଇଁ ପ୍ରାର୍ଥୀ ବଦଳାଇଛି ଦଳ। ମୋହନ ହେମ୍ବ୍ରମଙ୍କ ବଦଳରେ ବିନୋଦ ନାଏକଙ୍କୁ ପ୍ରାର୍ଥୀ କରିଛି। ସମ୍ବଲପୁର ଲୋକସଭା ଆସନ ପାଇଁ ଦଳ ଦୁଲାଲ ଚ଼ନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ କରିଥିବା ବେଳେ ଆସିକାରେ ଦେବକାନ୍ତ ଶର୍ମାଙ୍କୁ ଛିଡା କରିଛି। ନିକଟରେ ବିଜେଡି ଛାଡି କଂଗ୍ରେସରେ ସାମିଲ ହୋଇଥିବା କେନ୍ଦ୍ରାପଡାର ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ଟିକେଟ ପାଇଛନ୍ତି। ଦଳ ତାଙ୍କୁ ସେହି କେନ୍ଦ୍ରାପଡା ବିଧାନସଭା ଆସନରୁ ପ୍ରାର୍ଥୀ କରିଛି। ଅନ୍ୟପକ୍ଷରେ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିବା ଗଣେଶ୍ୱର ବେହେରା ମଧ କେନ୍ଦ୍ରାପଡା ଆସନରୁ ଟିକେଟ ପାଇଛନ୍ତି। ବିଜେପି ଛାଡି କଂଗ୍ରେସରେ ମିଶି ଥିବା ସୋନାଲି ସାହୁଙ୍କୁ ମଧ ଟିକେଟ ମିଳିଛି। ତାଙ୍କୁ ଦଳ ଖୋର୍ଦ୍ଧାରୁ ଟିକେଟ ଦେଇଛି। ସେହିପରି କଂଗ୍ରେସରୁ ୬ ବର୍ଷ ପାଇଁ ବହିଷ୍କୃତ ହୋଇଥିବା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ବଡ ପୁଅ ସିଦ୍ଧାର୍ଥ ରାଉତରାୟଙ୍କୁ ଦଳ ପ୍ରାର୍ଥୀ କରିଛି। ତାଙ୍କୁ ନିମାପଡା ଟିକେଟ ଦିଆଯାଇଛି। ଝାରସୁଗୁଡା ବିଧାନସଭା ଆସନରୁ କଂଗ୍ରେସ ଅମିତା ବିଶ୍ୱାଲଙ୍କୁ ପ୍ରାର୍ଥୀ କରିଥିବା ବେଳେ ବଡସାହିରୁ କ୍ଷୀରୋଦ ପାତ୍ର, ସୁକିନ୍ଦାରୁ ବିଭୁ ଭୂଷଣ ରାଉତ, କନ୍ଧମାଳରୁ ଶରତ ପ୍ରଧାନ, ରାଜନଗରରୁ ଅଶୋକ ପ୍ରତିହାରୀ, ମହାକାଳପଡାରୁ ଲୋକନାଥ ମହାରଥୀ, ପିପିଲିରୁ ଜ୍ଞାନରଂଜନ ପଟ୍ଟନାୟକ, ଜୟଦେବରୁ କୃଷ୍ଣ ସଗରିଆ, ଚ଼ିଲିକାରୁ ପ୍ରଦୀପ ସ୍ୱାଇଁ, କବିସୂର୍ଯ୍ୟନଗରରୁ ସଂଜୟ ମଣ୍ଡଳ ଓ ଗୋପାଳପୁରରୁ ଶ୍ୟାମସୁନ୍ଦର ସାହୁଙ୍କୁ ପ୍ରାର୍ଥୀ କରିଛି। କନ୍ଧମାଳରେ ଦଳ ପୂର୍ବରୁ ମନୋଜ ଆଚ଼ାର୍ଯ୍ୟଙ୍କୁ ପ୍ରାର୍ଥୀ କରିଥିବା ବେଳେ ଏବେ ସେଥିରେ ପରିବର୍ତ୍ତନ କରି ଶରତ ପ୍ରଧାନଙ୍କୁ ପ୍ରାର୍ଥୀ କରିଛି। ସେହିପରି ଜୟଦେବରେ ଜୟନ୍ତ ଭୋଇ ସ୍ଥାନରେ କୃଷ୍ଣ ସଗରିଆ ଓ କବିସୂର୍ଯ୍ୟନଗର ବିପିନ ସ୍ୱାଇଁଙ୍କ ବଦଳରେ ସଞ୍ଜୟ ମଣ୍ଡଳଙ୍କୁ ପ୍ରାର୍ଥୀ କରିଛି।ଟିକେଟ ବଣ୍ଟନ ନେଇ କଂଗ୍ରେସ ଭବନରେ ଆଜି ହାଇଡ୍ରାମା ଦେଖିବାକୁ ମିଳିଛି। ଭଙ୍ଗାରୁଜା ସହ ଗେଟ୍ ?ରେ ତାଲା ପକାଇଛନ୍ତି ଯୁବ କଂଗ୍ରେସ କର୍ମୀ।ଯୁବ କଂଗ୍ରେସ ନେତାଙ୍କୁ ସୁଯୋଗ ଦିଆଯାଇ ନଥିବା ଅଭିଯୋଗ ହୋଇଛି। ଦଳ ଡିଆଁ ନେତାଙ୍କୁ ଟିକେଟ ମିଳିଥିବାରୁ ପ୍ରତିବାଦ କରିଛନ୍ତି ସେମାନେ।

## ବିଜେଡିର ପ୍ରାର୍ଥୀ ତାଲିକା ଘୋଷଣା, ବଡଚ଼ଣାରୁ ଲଢ଼ିବେ ବର୍ଷା ପ୍ରିୟଦର୍ଶିନୀ




ଭୁବନେଶ୍ୱର,୨୦।୪(ପି.ଏନ): ବିଧାନସଭା ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କଲା ବିଜେଡି । ଷଷ୍ଠ ପର୍ଯ୍ୟାୟରେ ୯ ଜଣଙ୍କ ନାଁ ଘୋଷଣା କଲା ବିଜେଡି । ବଡଚ଼ଣାରୁ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ଟିକେଟ ଦେଇ ସରପ୍ରାଇଜ୍ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ତେବେ ୨ ଦିନ ତଳେ ବିଜେଡିରେ ଯୋଗ ଦେଇଥିଲେ ବର୍ଷା ପ୍ରିୟଦର୍ଶିନୀ । ସେହିପରି ଚ଼ିଲିକାରୁ ରଘୁନାଥ ସାହୁ, ଆନନ୍ଦପୁରରୁ ଅଭିମନ୍ୟୁ ସେଠୀ, କେନ୍ଦ୍ରାପଡାରୁ ଗଣେଶ୍ୱର ବେହେରା, କରଞ୍ଜିଆରୁ ବାସନ୍ତି ହେମବ୍ରମ୍, ସାରସକଣାରୁ ଦେବାଶିଷ ମାର୍ଣ୍ଡି, ଚ଼ମ୍ପୁଆରୁ ସନାତନ ମହାକୁଡ, ରେମୁଣାରୁ ବିଦ୍ୟାସ୍ମିତା ମାହାଳିକ ଏବଂ ସିମୁଳିଆରୁ ସୁଭାସିନୀ ସାହୁ ବିଧାନସଭା ପ୍ରାର୍ଥୀ ହୋଇଛନ୍ତି । ଅପରପକ୍ଷରେ ୬ ଜଣ ବିଧାୟକଙ୍କୁ ବିଜେଡିରେ ଟିକେଟ ମିଳିଲାନି । ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ, ସିମୁଳିଆ ବିଧାୟକ ଜ୍ୟୋତି ପାଣିଗ୍ରାହୀ, ବଡଚ଼ଣାର ବରିଷ୍ଠ ବିଧାୟକ ଅମର ଶତପଥୀ, ଚ଼ମ୍ପୁଆ ବିଧୟକ ମିନାକ୍ଷୀ ମହାନ୍ତ, ରେମୁଣା ବିଧାୟକ ଏବଂ କେନ୍ଦ୍ରାପଡା ବିଧାୟକ ଶଶି ବେହେରା । ବିଜେଡି ଏପର୍ଯ୍ୟନ୍ତ ୧୩୫ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିସାରିଥିବା ବେଳେ ୧୨ଟି ଆସନରେ ପ୍ରାର୍ଥୀଙ୍କ ନାଁ ଘୋଷଣା କରିନାହିଁ । ଏପଟେ ବିଜେପି ୧୬ଟି ଆସନରେ ନାଁ ଘୋଷଣା କରିନି । ଠିକ୍ ସେହିପରି କଂଗ୍ରେସ ମଧ୍ୟ ୧୨୫ଟି ଆସନରେ ନିଜ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିବା ବେଳେ ଆଉ ୨୨ ଟି ଆସନରେ ନାଁ ଘୋଷଣା କରିବା ବାକି ଅଛି ।

## ହଷ୍ଟେଲରେ ଜଣ୍ଡିସ ଅତଙ୍କ, ୨୮ ଛାତ୍ର ଆକ୍ରାନ୍ତ

ଭୁବନେଶ୍ୱର,୨୦।୪(ପି.ଏନ): କେନ୍ଦୁଝର ଡିଗ୍ରୀ ଇଂଜିନିୟରିଂ କଲେଜ ହଷ୍ଟେଲରେ ଜଣ୍ଡିସ ଆତଙ୍କ । ଜଣ୍ଡିସରେ ହଷ୍ଟେଲର ୨୮ ଜଣ ଛାତ୍ର ଆକ୍ରାନ୍ତ ଥିବା ଜଣାପଡିଛି । ମେଡିକାଲ ଟିମ୍ ହଷ୍ଟେଲରେ ଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଜଣାପଡିଛି । ତେବେ ସ୍ଥିତି ଉପରେ ନିୟନ୍ତ୍ରଣ ରଖାଯାଇଛି ବୋଲି ଏସଡିଏମ୍ଓ କହିଛନ୍ତି ।ଶୁକ୍ରବାର କେନ୍ଦୁଝର ଡିଗ୍ରୀ ଇଂଜିନିୟରିଂ କଲେଜ ହଷ୍ଟେଲରେ ୨୮ ଜଣ ଛାତ୍ର ଜଣ୍ଡିସରେ ଆକ୍ରାନ୍ତ ହୋଇଥିବା ସୂଚ଼ନା ଦେଇଥିଲେ କଲେଜ କର୍ତ୍ତୃପକ୍ଷ । ଏହା ପରେ ତୁରନ୍ତ ମେଡିକାଲ ଟିମ୍ ପଠାଯାଇଥିଲା । ଆକ୍ରାନ୍ତ ଛାତ୍ରଙ୍କ ମଧ୍ୟରୁ ୧୬ ଜଣ ଛାତ୍ର ଘରକୁ ପଳାଇଯାଇଥିବା ବେଳେ ୧୨ ଜଣଙ୍କ ରକ୍ତ ପରୀକ୍ଷା କରାଯାଇଥିଲା । ପରୀକ୍ଷା ହେବା ପରେ ସେମାନଙ୍କୁ ଜଣ୍ଡିସ୍ ହୋଇଥିବା ଜଣାପଡିବା ପରେ ଆବଶ୍ୟକୀୟ ଚ଼ିକିତ୍ସା ପ୍ରଦାନ କରାଯାଇଥିଲା ।

## କ୍ଷୀର ଗାଡି ଧକ୍କାରେ କାର୍ଯ୍ୟରତ ହୋମଗାର୍ଡଙ୍କ ମୃତ୍ୟୁ

ନୀଳଗିରି,୨୦।୪(ପି.ଏନ): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଚ଼ିକିତ୍ସାଳୟ ସମ୍ମୁଖରେ କ୍ଷୀର ଗାଡି ଧକ୍କାରେ ସାଇକେଲରେ ଯାଉଥିବାଜରେ କାର୍ଯ୍ୟରତ ହୋମଗାର୍ଡଙ୍କ ମୃତ୍ୟୁ ହୋଇଛି। ମୃତକ ଛୋଟକାନପୁର ଅଞ୍ଚଳ ଲକ୍ଷ୍ମୀଧର ଜେନା(୫୫)। ଧକ୍କା ଦେଇଥିବା କ୍ଷୀର ଗାଡି ସହିତ ଗାଡି ଚ଼ାଳକକୁ ନୀଳଗିରି ପୁଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ସୂଚ଼ନା ମୁତାବକ, ଗତକାଲି ରାତିରେ କାର୍ଯ୍ୟ କରୁଥିବା ଲକ୍ଷ୍ମୀଧର ଆଜି ସକାଳ ସମୟରେ ନୀଳଗିରି ଉପଖଣ୍ଡ ଚ଼ିକିତ୍ସାଳୟ ସମ୍ମୁଖରେ କାର୍ଯ୍ୟ କରୁଥିଲେ। ନୀଳଗିରି ବଜାରରୁ ମିତ୍ରପୁର ଅଭିମୁଖେ ଯାଉଥିବା ଏକ କ୍ଷୀର ଗାଡି ଲକ୍ଷ୍ମୀଧରଙ୍କ ସାଇକେଲକୁ ପଛ ପଟୁ ଧକ୍କା ଦେଇଥିଲା।

## ଟିକେଟ କଟିବା ପରେ ଶକ୍ତି ପ୍ରଦର୍ଶନ: 'ସମୀର ନାହିଁ ତ ଶଙ୍ଖ ନାହିଁ' ନାରାରେ କମ୍ପିଲା ନିମାପଡା



ନିମାପଡ଼ା,୨୦।୪(ପି.ଏନ): ଟିକେଟ୍ କଟିବାର ୩ ଦିନ ପରେ ଆଜି ଶକ୍ତି ପ୍ରଦର୍ଶନ କରିଛନ୍ତି ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ। ନିଜ ନିର୍ବାଚ଼ନ ମଣ୍ଡଳୀରେ ହଜାର ହଜାର କର୍ମୀଙ୍କୁ ନେଇ କରିଛନ୍ତି ବିଶାଳ ଶୋଭାଯାତ୍ରା ଓ ସମାବେଶ। ନିମାପଡାର ବାରବାଟୀ ପଡିଆରେ ଆୟୋଜିତ ଏହି ସମାବେଶରେ ନିଜ ସମର୍ଥକଙ୍କ ଗହଣରେ ସମୀର ଦାଶ ଦଳୀୟ ନେତୃତ୍ୱଙ୍କୁ ଟିକେଟ ନେଇ ପୁନର୍ବିଚ଼ାର କରିବାକୁ ଦାବି କରିଛନ୍ତି। ଏହି ସମୟରେ 'ସମୀର ନାହିଁ ତ ଶଙ୍ଖ ନାହିଁ' ନାରା କମ୍ପିଥିଲା ବାରବାଟୀ ପଡିଆ ଓ ପୂରା ନିମାପଡା। ସମୀରଙ୍କ ଦାବି ଅନୁସାରେ ଆଜିର ସମାବେଶରେ ୪୦ ହଜାର ସମର୍ଥକ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ସେମାନେ ୩୦ ହଜାର ଲୋକଙ୍କ ସମାଗମ ଆଶା କରୁଥିବା ବେଳେ ତା'ଠାରୁ ଢେର ଲୋକ ଆସିଥିବାରୁ ସେ ଉତ୍ସାହିତ ଥିବା କହିଥିଲେ ସମୀର।

## ଟିକେଟ୍ କଟିବା ପରେ ଅମରଙ୍କ ଘରେ ସମର୍ଥକଙ୍କ ମେଳି



ଭୁବନେଶ୍ୱର,୨୦।୪(ପି.ଏନ):ବଡଚ଼ଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଟିକେଟ କାହିଁକି କଟିଲା ତାହାର କାରଣ ଜଣାପଡିନଥିବା ବେଳେ ଅମରଙ୍କ ସମର୍ଥକଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି। ଆଜି ଅପରାହ୍ଣରେ ଶତାଧିକ ସମର୍ଥକ ଅମରଙ୍କ ଭୁବନେଶ୍ୱର ସ୍ଥିତ ବାସ ଭବନରେ ଏକାଠି ହୋଇଛନ୍ତି। ଆଉ ନିଜର ଅସନ୍ତୋଷ ଝାଡିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିକେଟ ନେଇ ପୁନର୍ବିଚ଼ାର କରିବାକୁ ଦାବି କରିଛନ୍ତି ସମର୍ଥକ। ବଡଚ଼ଣା ବିଜେଡିର ଜଣେ ଯୁବ ନେତା କହିଛନ୍ତି, ଆମ ବିଧାୟକ ବଡଚ଼ଣାରେ ସର୍ବଗ୍ରହଣୀୟ ନେତା। ଥରେ କି ଦୁଇ ଥର ନୁହେଁ, ୬ ଥର ବଡଚ଼ଣା ମାଟିରୁ ପ୍ରତିନିଧିତ୍ୱ କରିଛନ୍ତି। କେବେ ହେଲେ ଦଳର କ୍ଷତି କରିନାହାନ୍ତି। ବିଗତ ଦିନରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ବଡଚ଼ଣା ସର୍ବାଧିକ ରକ୍ତ ଦେଇଥିଲା। ୫ ଜିଲ୍ଲା ପରିଷଦ ଓ ଚେୟାରମ୍ୟାନ୍ ପଦବୀକୁ ଅଧିକାର କରିଥିଲା ବଡଚ଼ଣା।

## ମହାନଦୀ ଡଙ୍ଗା ବୁଡି ଘଟଣା: ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି



ଝାରସୁଗୁଡା,୨୦।୨(ପି.ଏନ): ଗତକାଲି ଲଖନପୁର ବ୍ଲକ ଶରଧା ନିକଟ ମହାନଦୀରେ ଡଙ୍ଗା ବୁଡିଯାଇଥିଲା । ଏହି ଡଙ୍ଗାରେ ପ୍ରାୟ ୫୦ ଜଣ ଯାତ୍ରା କରୁଥିଲେ । ଏମାନେ ବରଗଡ ବାଞ୍ଜିପାଲିକୁ ଯାଉଥିଲେ । ଏଥିରୁ ପ୍ରାୟ ୪୩ ଜଣ ଲୋକଙ୍କୁ ସ୍ଥାନୀୟ ମତ୍ସ୍ୟଜୀବୀ ଉଦ୍ଧାର କରିଛନ୍ତି । ତେବେ ଏହି ଘଟଣାରେ ଗତକାଲି ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଆଜି ଆଉ ୭ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି । ଗତକାଲି ଠାରୁ ଖୋଜାଖୋଜି କାର୍ଯ୍ୟ ଜାରି ରହିଥିଲା । ଏହାରି ମଧ୍ୟରେ ଆଜି ସକାଳୁ ଆଉ ୬ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି । ଏଥିରେ ୩ ଜଣ ମହିଳା ଏବଂ ୩ ଜଣ ବାଳକ ଥିବା ସୂଚ଼ନା ମିଳିଛି । ୬ଜଣଙ୍କର ମୃତଦେହ ଉଦ୍ଧାର ପରେ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି ପାଇଛି । ତେବେ ୭ଜଣଙ୍କର ମୃତଦେହ ମିଳିସାରିବା ପରେ ଏବେ ବି ଜଣେ ନିଖୋଜଙ୍କୁ ଉଦ୍ଧାର ପାଇଁ ତଲାସୀ ଜାରି ରହିଛି । ଏହି ସମସ୍ତ ଯାତ୍ରୀ ଛତିଶଗଡରୁ ମନ୍ଦିର ଦର୍ଶନ ପାଇଁ ଆସିଥିଲେ । ଫେରିବା ବେଳେ ଏହି ଅଘଟଣ ଘଟିଛି ।

## ତାତିରେ ରେକର୍ଡ; ବାରିପଦା ଦେଶର ପ୍ରଥମ, ଏସିଆ ମହାଦେଶରେ ତୃତୀୟ



ଭୁବନେଶ୍ୱର,୨୦।୪(ପି.ଏନ): ତାତିରେ ରେକର୍ଡ କଲା ଓଡିଶା। ଦେଶର ପ୍ରଥମ ଓ ଏସିଆ ମହାଦେଶରେ ତୃତୀୟ ଉତ୍ତପ୍ତ ସହର ପାଲଟିଛି ଓଡିଶାର ବାରିପଦା ଓ ବୌଦ୍ଧ। ଏହି ଦୁଇ ସହରର ତାପମାତ୍ରା ୪୫.୨ ଡିଗ୍ରୀ ରେକର୍ଡ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏନେଇ ତରେ ସୂଚ଼ନା ଦିଆଯାଇଛି।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୦ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

## ଗୋପୀନାଥଙ୍କ ସାହିତ୍ୟରେ ଗାନ୍ଧୀ ଓ ରବୀନ୍ଦ୍ରନାଥଙ୍କ ଆଦର୍ଶର ସମନ୍ୱୟ ଘଟିଛି:ଶ୍ରୀ ପ୍ରବୋଧ ପାରିଖ



ଭୁବନେଶ୍ୱର,୨୦।୪ (ପି.ଏନ): ପ୍ରଖ୍ୟାତ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ୧୧୦ତମ ପୁଣ୍ୟ ଜନ୍ମତିଥିରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗୋପୀନାଥ ମହାନ୍ତି ଫାଉଣ୍ଡେସନ୍ ଟ୍ରଷ୍ଟଙ୍କ ମିଳିତ ଆନୁକୂଲ୍ୟରେ ଆଜି ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୬.୩୦ମିନିଟ୍‌ରେ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ଏହି ସମାରୋହରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା ରାଉତ କାର୍ତ୍ତିକେୟନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପୀନାଥଙ୍କ ପ୍ରତିକୃତିରେ ପୁଷ୍ପାର୍ଘ୍ୟପ୍ରଦାନ ସହ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଭାଷଣରେ ଶ୍ରୀମତୀ କାର୍ତ୍ତିକେୟ ନକହିଥିଲେ ଯେ, ଗୋପୀନାଥ ସାରାଜୀବନ ଦୀନନି ।ଡିତଙ୍କ ସେବା ପାଇଁ ଜଣେ ଦକ୍ଷ ସାମାଜିକ କର୍ମୀ ଭାବେକାର୍ଯ୍ୟ କରିଥିଲେ ଓ ତାଙ୍କ ସାହିତ୍ୟରେ ମାନବୀୟ ସଂବେଦନଶୀଳତା ପ୍ରତିଫଳିତ ହୋଇଥିଲା।ବିଶିଷ୍ଟ ସାହିତ୍ୟିକ ତଥା ଦାର୍ଶନିକ ଶ୍ରୀ ପ୍ରବୋଧ ପାରିଖ 'ଆତ୍ମନିର୍ମାଣ- ରବୀନ୍ଦ୍ରନାଥ ଟାଗୋର ଏବଂମୋହନଦାସ କରମଚାନ୍ଦ ଗାନ୍ଧିଙ୍କ ଚିନ୍ତନର ପ୍ରତିଫଳନ' ଶୀର୍ଷକ ବିଷୟରେ ସ୍ମାରକୀ ବକ୍ତୃତା ପ୍ରଦାନ କରିକହିଥିଲେ ଯେ ଗାନ୍ଧୀ ଓ ଟାଗୋରଙ୍କ ମଧ୍ୟରେ କେତେକ କଥାରେ ମତଭେଦ ଥିଲେ ବି ଉଭୟଙ୍କ ଜୀବନ ଓସାଧନାର ଲକ୍ଷ୍ୟ ନିମ୍ନବର୍ଗର ମଣିଷଙ୍କ ହିତ ପାଇଁ ଉଦ୍ଦିଷ୍ଟ ଥିଲା। ଗୋପୀନାଥଙ୍କ ସାହିତ୍ୟରେ ଏହି ଦୁଇରାଷ୍ଟ୍ରନାୟକଙ୍କ ଆଦର୍ଶର ଅପୂର୍ବ ସମନ୍ୱୟ ଘଟିଛି, ଯାହା ସମସ୍ତଙ୍କର ଅନୁକରଣୀୟ। ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ଏକାଡେମୀର ସଚିବ ଶ୍ରୀ ସୁବୋଧ ଚ଼ନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ବୀରମହାରାଜପୁରରେ ବ୍ୟାପୁଛି ଝାଡ଼ାବାନ୍ତି: ମହିଳା ମୃତ, ଗୁରୁତର ଦଂପତିଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ

ଭୁବନେଶ୍ୱର,୨୦।୪(ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳରେ ଝାଡାବାନ୍ତି ବ୍ୟାପିଛି। ଲୁତୁରପଙ୍କ ପଞ୍ଚାୟତର ମେଣ୍ଡିଲିପାଲି ଗ୍ରାମରେ ଗୋଟିଏ ପରିବାରର ତିନି ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଗୁରୁତରଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ମୃତ ମହିଳା ହେଲେ ଅହଲ୍ୟା ପାତ୍ର (୩୦)। ଗୁରୁତରମାନେ ? ହେଲେ ଭଗବାନ ମହାକୁଡ (୬୨) ତାଙ୍କ ସ୍ତ୍ରୀ ଶେ ?ଳ ମହାକୁଡ (୫୫)। ଅହଲ୍ୟା ଦୁଇବର୍ଷ ତଳେ ଭଗବାନ ମହାକୁଡଙ୍କ ପୁଅ ରାମେଶ୍ୱରଙ୍କୁ ବିବାହ କରିଥିଲେ। ତାଙ୍କର ଏକ ସାତ ମାସର କନ୍ୟା ସନ୍ତାନ ରହିଛି। ଶୁକ୍ରବାର ବିଳମ୍ବିତ ରାତ୍ରିରେ ଅହଲ୍ୟାଙ୍କ ସବ ସତ୍କାର କରାଯାଇଥିଲା। ସ୍ୱାମୀ ରାମେଶ୍ୱର ମୁଖାଗ୍ନି ଦେଇଥିଲେ। ଅନ୍ତିମ ସଂସ୍କାରରେ ଅହଲ୍ୟାଙ୍କ ତିନି ଭାଇ ସୁଜିତ୍, ସାମନ୍ତ ଓ ସୁବୋଧ ପାତ୍ର ଓ ଅନ୍ୟାନ୍ୟ ପରିବାର ବର୍ଗ ସାମିଲ ହୋଇଥିଲେ। ଝାଡାବାନ୍ତି କେବଳ ମେଣ୍ଡିଲିପାଲିରେ ନାହିଁ। ବରଂ ବୀରମହାରାଜପୁର ଅଞ୍ଚଳର ଅନ୍ୟ ସ୍ଥାନରେ ମଧ ଝାଡାବାନ୍ତି ବ୍ୟାପିଛି। ଶନିବାର ଦିନ ଗେ ?ଡକେଲା ଗ୍ରାମର ଆର୍ତ୍ତତ୍ରାଣ ବଗର୍ତ୍ତି (୩୬), କେନ୍ଦୁପାଲି ଗ୍ରାମର ବୈଦ୍ୟନାଥ ସେଠୀ (୬୫) ଓ ଜଟିଆ ପାଲିର ହୃଷୀକେଶ ତାଣ୍ଡିଆ (୫୫)ଙ୍କୁ ବୀରମହାରାଜପୁର ଉପଖଣ୍ଡ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସାଧାରଣ ନିର୍ବାଚ଼ନରେ ପ୍ରଶାସନ ବ୍ୟସ୍ତ ଥିବାବେଳେ ଝାଡ଼ାବାନ୍ତି ବ୍ୟାପୁଥିବାରୁ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନଥିବା ସାଧାରଣରେ ଆଲୋଚ଼ନା ହେଉଛି। ଏଣୁ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ସମାସ୍ୟାର ସମାଧାନ ନକଲେ ଆଗାମୀ ଦିନରେ ଅବସ୍ଥା ଆହୁରି ସଙ୍କଟାପନ୍ନ ହେବା ସହିତ ଧନ ଜୀବନ ନଷ୍ଟ ହେବାର ଆଶଙ୍କା ଦେଖାଯାଇଛି।

## ବୋରିଗାଁ ରେ ଯୁବକ କୁ ଛୁରୀ ମାଡ଼



କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚ଼ନ୍ଦ୍ର) ୨୦।୪(ପି.ଏନ): କୁକୁଡାଖଣ୍ଡି ବ୍ଲକ ଅଧିନସ୍ଥ ରେ ଥିବା ବୋରିଗାଁ ଗତ କାଲି ସନ୍ଧ୍ୟା ସମୟ ରେ ଗ୍ରାମ ନିକଟରେ ଥିବା ଏକ ପୋଖରୀ ରୁ ଜଣେ ଯୁବକ ଙ୍କ ମୃତ ଦେହ ଉଦ୍ଧାର କରିଛି ନିମଖଣ୍ଡି ପୋଲିସ । ମୃତକ ଜଣକ ହେଲେ ଉକ୍ତ ଗ୍ରାମର ହରିଜନ ସାହିର ଡାକ୍ତର ଦାସ ଙ୍କ ପୁଅ ସୁନିଲ ଦାସ (୨୪) । ଯୁବକଙ୍କ ପେଟରେ ଛୁରୀ ମାଡ଼ ଥିବାରୁ ହତ୍ୟା କରିବା ପରେ ପୋଖରୀ କୁ ଫୋପାଡି ଦିଆଯାଇଛି ବୋଲି ପୋଲିସ ଅନୁମାନ କରିଛି । ପୋଲିସ ମୃତ ଦେହ ଜବତ କରି ସବ ବ୍ୟବଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ କୁ ପଠାଇଛି । ଘଟଣାର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ କେସ ନମ୍ବର ୧୨୮/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଚ଼ଳାଇଥିବା ନିମଖଣ୍ଡି ଥାନା ଅଧିକାରିଣୀ ରେବତୀ ଶବର ସୂଚ଼ନା ଦେଇଛନ୍ତି ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟକ୍ରମ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନଣ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥିବା ହ୍ରିତିକ।

**ହ୍ରିତିକ ବଲିଉଡର ସବୁଠୁ ସେକ୍ସି ପୁରୁଷ**

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## 'କର୍ଫି'ର ଚିତ୍ରକର ଅମିତା







ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

### ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୪, ଅପ୍ରେଲ ୨୧**

# ଅବିସ୍ମରଣୀୟ ଅଜାତ ଶତ୍ରୁ : ସ୍ୱର୍ଗତଃ ନଳିନୀକାନ୍ତ ମହାନ୍ତି

**ପିତାମ୍ବର ରାଉତ**

ଜନପ୍ରିୟ ନେତା ତଥା ଓଡ଼ିଶା ରାଜନୀତିର ଅନ୍ୟତମ ଅପ୍ରତିଦ୍ୱନ୍ଦ୍ୱୀ ଜନନେତା ସ୍ୱର୍ଗତଃ ନଳିନୀକାନ୍ତ ମହାନ୍ତି ଜଣେ ଏପରି ବ୍ୟକ୍ତିତ୍ୱ ଥିଲେ ଯିଏ କି କେବଳ ତାଙ୍କ ନିର୍ବାଚନ ମଣ୍ଡଳୀ ନୁହେଁ ତମାମ ଓଡ଼ିଶାର ଲୋକପ୍ରିୟ ନେତା ଭାବେ ପରିଗଣିତ ହୋଇଥିଲେ। ଆଜି ସେ ନାହାଁନ୍ତି କିନ୍ତୁ ତାଙ୍କ ହସ ହସ ମୁହଁ, ଦରଦୀ ବ୍ୟବହାର ଏବେ ବି ଭୁଲିବାର ନାହିଁ। କଳିଙ୍ଗର ବରପୁତ୍ର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସେ ଏକାନ୍ତ ବିଶ୍ୱାସୀ ଓ ଅନୁଗତ ଥିଲେ। ସେଇଥିପାଇଁ ବିଜୁ ବାବୁ କୁହନ୍ତି ନଳିନୀକୁ ଜିତାଇବା ଯାହା ମୋତେ ଜିତାଇବା ତାହା। ୧୯୪୯ ମସିହା ଜାନୁଆରୀ ୨୦ ତାରିଖ ଦିନ ରାଜନଗର ବନ୍ଧପଡ଼ା ପଞ୍ଚାୟତ ଅନ୍ତର୍ଗତ ଫିରିକି ଦାଣ୍ଡି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ଗ୍ରାମ୍ୟ ସ୍କୁଲରେ ପଞ୍ଚମ ଶ୍ରେଣୀ, ମଦନପୁର ମହାବୀର ମ୍ମ ଇଂରାଜୀ ସ୍କୁଲରେ ସପ୍ତମ ଶ୍ରେଣୀ, ପଟ୍ଟାମୁଣ୍ଡାଇ ମନ୍ମଥନାଥ ଉଚ୍ଚ ଇଂରାଜୀ ସ୍କୁଲରେ ଦଶମ ଶ୍ରେଣୀ, କଟକ ଖ୍ରୀଷ୍ଟ ମହାବିଦ୍ୟାଳୟରୁ ସ୍ନାତକ, କଟକ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଏଲଏଲବି ଡିଗ୍ରୀ ହାସଲ କରିଥିଲେ। ୧୯୬୯ ମସିହାରେ ଛାତ୍ର ରାଜନୀତିରେ ଅଂଶ ଗ୍ରହଣ କରି ୧୯୭୭ ମସିହାରେ ପ୍ରଥମଥର ପାଇଁ ବିଜୁ ବାବୁଙ୍କ ନେତୃତ୍ୱରେ ରାଜନଗର ବିଧାନସଭା କ୍ଷେତ୍ରରୁ ନିର୍ବାଚନ ଲଢ଼ି ବିଜୟ ହୋଇଥିଲେ। ବିଜୁ ବାବୁ ମଧ ପରାଜୟର ସମ୍ମୁଖୀନ ହୋଇ ୧୯୭୧ ମସିହାରେ ରାଜନଗର ନିର୍ବାଚନ ମଣ୍ଡଳୀରୁ ଜିତିଥିଲେ। ନଳିନୀ ବାବୁ ରାଜନଗରରୁ ସର୍ବପ୍ରଥମେ ୧୯୭୭ରେ ଜନତା ଦଳରୁ ୧୯୮୦ରେ ଲୋକଦଳରୁ ୧୯୮୪ରୁ ଜନତା ପାର୍ଟିରୁ, ୧୯୯୦ ଓ ୧୯୯୫ରେ ଜନତା ଦଳରୁ, ୨୦୦୦ ବିଜେଡ଼ିରୁ ଓ ୨୦୦୪ରେ କଂଗ୍ରେସ ଦଳରୁ ନିର୍ବାଚନରେ ବିଜୟ ଲାଭ କରିଥିଲେ। ୧୯୯୦ରେ ବିଜୁ ବାବୁଙ୍କ ସରକାରରେ ପୂର୍ତ୍ତ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ୨୦୦୦ ମସିହାରେ ନବୀନ ପଟ୍ଟନାୟକଙ୍କ ସରକାରରେ ପୂର୍ତ୍ତ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଭାବେ ସେ ଦକ୍ଷତାର ସହ ଦାୟିତ୍ୱ ତୁଲାଇଥିଲେ। ୧୯୯୦ ମସିହାରେ ତାଙ୍କ ନେତୃତ୍ୱରେ ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ ବିକାଶ ବିଲ ପାରିତ ହୋଇଥିଲା। ଭିତରକନିକା ଅଭ୍ୟାରଣ୍ୟକୁ ଜାତୀୟ ମାନ୍ୟତା ପାଇବା ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଦ୍ୱାରା ଆଜି ବିଶ୍ୱ ମାନଚିତ୍ରରେ ଏକ ଜୈବ ପର୍ଯ୍ୟଟନ କ୍ଷେତ୍ର ଭାବେ ଭିତରକନିକା ପ୍ରସିଦ୍ଧ। ୧୯୭୧ରେ ମହାପ୍ରଳୟଙ୍କାରୀ ବାତ୍ୟା ରାଜନଗରକୁ ଧ୍ୱଂସବିଧ୍ୱଂସ କରିଦେଇଥିଲା। ବିଜୁ ବାବୁଙ୍କ ପରାମର୍ଶକ୍ରମେ ୨୨ ବର୍ଷୀୟ ଯୁବକ ନଳିନୀକାନ୍ତ ଆଗେଇ ଆସିଥିଲେ ଗୋପବନ୍ଧୁଙ୍କ ପରି। ଯୁବସାଥି ମାନଙ୍କୁ ସାଙ୍ଗରେ ଧରି ରାଜନଗରର ପୁନଃ ନିର୍ମାଣରେ ସେ ଲାଗିପଡ଼ିଥିଲେ। ରାଜନୀତିରେ ଆଦର୍ଶ, ମାନବିକ ମୂଲ୍ୟବୋଧକୁ ସବୁବେଳେ ସେ ଗୁରୁତ୍ୱ ଦେଉଥିଲେ। ସେ ଯେତିକି ଶାନ୍ତିପ୍ରିୟ ଥିଲେ ସେତିକି ସଂଗ୍ରାମୀ ମ୍ମ ଥିଲେ। ତାଙ୍କ ନୀତି ଥିଲା ଦାନ ହିଁ ଜୀବନ, ସଂଘର୍ଷ ହିଁ ଜୀବନ, କ୍ଷମା, ଧର୍ମର ମେରୁଦଣ୍ଡ, ସାଧନା ନଥିଲେ ସିଦ୍ଧି ନାହିଁ, ନୀରବତା ଶ୍ରେଷ୍ଠ ଅସ୍ତ୍ର, ଦୃଢ଼ ବିଶ୍ୱାସ ରଖି କାମ କଲେ ସଫଳ ମିଳେ। ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କର ସେ ପ୍ରିୟଭାଜନ ଥିଲେ। ସେ ଅତ୍ୟନ୍ତ ମିଷ୍ଟଭାଷୀ ଓ ଅମାୟିକ ବ୍ୟକ୍ତି ଥିଲେ। ତାଙ୍କ ବ୍ୟକ୍ତିତ୍ୱ ଥିଲା ଦଳମତ ଉର୍ଦ୍ଧ୍ୱରେ, ସେ ଥିଲେ ଧର୍ମମୂର୍ତ୍ତିମନ୍ତର ପ୍ରତୀକ। ତାଙ୍କ ସହଧର୍ମିଣୀ ଜ୍ୟୋତ୍ସ୍ନାମୟୀ ମହାନ୍ତି ଜଣେ ଉଚ୍ଚ ଆଦର୍ଶସମ୍ପନ୍ନ ମହିଳା। ନଳିନୀ ବାବୁଙ୍କ ରାଜନୀତିର ଜୟଯାତ୍ରାରେ ସେ ଥିଲେ ମାର୍ଗଦର୍ଶିକା। ଏକମାତ୍ର ପୁତ୍ର ଅଂଶୁମାନ ମହାନ୍ତି ଏବେ ରାଜନୀତିରେ ବେଶ ସକ୍ରିୟ ଓ ତାଙ୍କ ପିତାଙ୍କ ଆଦର୍ଶକୁ ଅନୁସରଣ କରି ରାଜନଗରବାସୀଙ୍କ ସେବାରେ ବ୍ରତୀ ରହିଛନ୍ତି। ବାସ୍ତବରେ ତାଙ୍କ ଅମାୟିକ ବ୍ୟବହାର, ବନ୍ଧୁବତ୍ସଳତା, ସରଳତା, ନିଷ୍ପାପରତା, ସାହାସିକତା ତାଙ୍କୁ ଚିରକାଳ ଓଡ଼ିଶାବାସୀଙ୍କ ହୃଦୟରେ ସ୍ମରଣୀୟ କରି ରଖିବ। ତାଙ୍କ ସ୍ମୃତିରେ ଯଥାର୍ଥରେ ବିଶିଷ୍ଟ କବି ହେମନ୍ତ ରାଉତଙ୍କ ଭାଷାରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି – "ମରଣ ତୁମକୁ ଜୟ କରିନାହିଁ, ତୁମେ ତାକୁ କଲ ଜୟ। ଅତି ଆପଣାର ମଣିଷଟି ବୋଲି ଦେଇଗଲ ପରିଚୟ। ଫେରିଗଲା ଦିନୁ ମାଟି ମଣିଷର, ମୁହଁରୁ ଲିଭିଛି ହସ। ଗୁହାରି କରୁଛି ବାର ବାର ତୁମେ, ଏ ମାଟିକୁ ଫେରିଆସ। ଅତି ଆପଣାର ମଣିଷଟି ବୋଲି, ଦେଇଥିଲ ପରିଚୟ। ତୁମ ପାଦତଳେ ଢ଼ାଳି ଦେଇ ଅଙ୍ଗୁ ଏହି ଫୁଲ ଏହି ଲୁହ।'

# ଖାଦ୍ୟ ଯୋଗାଣ ବ୍ୟବସ୍ଥା ଓ ପରିଚ଼ାଳନା

ବିଦ୍ୟାଳୟରେ ପଢିଲା ବେଳେ କବିବର ରାଧାନାଥ ରାୟଙ୍କର ଏକ ସୁନ୍ଦର କବିତା,' ଦେଲୁ ମୋତେ ମହାଶିକ୍ଷା' ପଢ଼ିଥିଲି । ଏହି କବିତାଟି ଜଣେ ଅସହାୟ ଭୋକିଲା ବୃଦ୍ଧା ଓ ରାଜା ରଣଜିତ ସିଂହ ଉପରେ ମୁଖ୍ୟତଃ ପର୍ଯ୍ୟବେସିତ । ତିନିଦିନ ଧରି ଭୋକର ଜ୍ୱାଳାରେ ଜର୍ଜରିତ ଅସହାୟ ବୃଦ୍ଧା ଜଣଙ୍କ ପେଟର ଭୋକ ମାରିବା ପାଇଁ ଗୋଟିଏ ଆମ୍ବଗଛକୁ ଟେକା ଟିଏ ମାରିଛି , ଉଦେଶ୍ୟ ଆମ୍ବ ପଡ଼ିବ ଯାହା ଖାଇ ସେ ବଂଚ଼ିଯିବ । କିନ୍ତୁ ତା'ର ଦୂର୍ଭାଗ୍ୟ ସେ ଟେକା ମାରିବା ସମୟରେ ସେହି ବାଟ ଦେଇ ମହାରାଜା ରଣଜିତ ସିଂହ ସୈନ୍ୟ ସାମନ୍ତ ଧରି ଘୋଡ଼ା ଚ଼ଢ଼ି ଯାଉଥିଲେ । ଲକ୍ଷ ଭ୍ରଷ୍ଟ ଟେକାଟି ଆମ୍ବରେ ନବାଜି ବାଜିଛି ସିଧା ମହାରାଜାଙ୍କ କପାଳରେ । ଝରି ପଡ଼ିଛି ଧାର ଧାର ଲହୁ । ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସୈନିକ ମାନେ ଏପରି ଦୁଃସାହସିକ କାମ କରିଥିବା ଅପରାଧୀକୁ ଧରି ଆଣିବା ପାଇଁ ଖେଦି ଯାଇଛନ୍ତି ସବୁଆଡକୁ । ଶେଷରେ ଧରିଛନ୍ତି ଆସାମୀକୁ । ତ୍ରସ୍ତ କାକୁସ୍ଥ ନୀରିମାଖି ବୃଦ୍ଧା ଜଣଙ୍କ ସ୍ୱୀକାର କରିଛି ସବୁକଥା । ଧୈର୍ଯ୍ୟର ସହିତ ଶୁଣିଛନ୍ତି ମହାରାଜା ରଣଜିତ ସିଂହ ବୃଦ୍ଧାର ଭୟାତୁର ଥରଥର ଓଠର ଭାଷାକୁ । ସବୁ ଶୁଣି ସାରିବା ପରେ ବିଗଳିତ ହୋଇଛି ରାଜାଙ୍କର ହୃଦୟ, ଆଖି ହୋଇ ଉଠିଛି ଛଳଛଳ । ଜଣେ ରାଜାର ପ୍ରକୃତ କର୍ତ୍ତବ୍ୟ କ'ଣ,ସେ ଆପଣାଛାଏଁ ବୁଝି ଯାଇଛନ୍ତି । ସେ ବୁଝିଛନ୍ତି ଯଦି ତାଙ୍କ ରାଜ୍ୟର ସାଧାରଣ ଜନତା ଭୋକ ଉପାସରେ କାଳାତିପାତ କରୁଛନ୍ତି, ତାହେଲେ ତାଙ୍କ ରାଜମୁକୁଟର କିଛି ମୂଲ୍ୟ ନାହିଁ । ଉପସ୍ଥିତ ସମସ୍ତ ସୈନ୍ୟ ସାମନ୍ତଙ୍କୁ ଆଶ୍ଚର୍ଯ୍ୟ କରି ରାଜାଙ୍କ ହୃଦୟର ଭାଷା କବିଙ୍କ କଲମରୁ ଝରି ପଡ଼ିଛି ,

'ରକତ ଧାର ଏ ନୁହଁଇ ମାଆଲୋ
ଏତ ମୋ ମଥାର ଟିକା,
ରଣଜିତ ସିଂହ କହିଲେ ଆବେଗେ
ଦେଲୁ ମୋତେ ମହାଶିକ୍ଷା' ।

ପ୍ରଜା ମାନଙ୍କର ସୁଖଦୁଃଖ ବୁଝିବା, ସାଧାରଣ ଆବଶ୍ୟକତା ଉପଲବ୍ଧ କରେଇବା , ଦେଶର ଉନ୍ନତି ପ୍ରଗତି କରିବା ଓ ଶାନ୍ତି ସୁରକ୍ଷା ରକ୍ଷା କରିବା ପ୍ରକୃତ ରାଜଧର୍ମ ଯାହା ଏହି ଛୋଟିଆ କିନ୍ତୁ ଚ଼ମତ୍କାର କବିତା ମାଧମରେ କବିବର ରାଧାନାଥ ରାୟ ବାର୍ତ୍ତା ଦେଇଛନ୍ତି । ବୋଧହୁଏ ଏମିତି ରାଜଧର୍ମର ରକ୍ଷା ପାଇଁ ଆରମ୍ଭ ହୋଇଥିଲା ଭାରତରେ ଯୋଗାଣ ବ୍ୟବସ୍ଥା ପେଟର ଭୟାନକ ଭୋକକୁ ମାରିବା ପାଇଁ । ଆସନ୍ତୁ ନଜର ପକେଇବା ଯୋଗାଣ ବ୍ୟବସ୍ଥା ପଛରେ ଆଉ କେତୋଟି ଘଟଣା ଉପରେ । ୧୮୬୬ ରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷର କରୁଣ ଛାତିଥରା ଦୃଶ୍ୟ ଯେଉଁଥିରେ କେତେ ଲୋକ ଭୋକରେ ଆଉଟୁପାଉଟୁ ହୋଇ ଜୀବନ ହାରିଥିଲେ ତା'ର ସଠିକ୍ ହିସାବ ବୋଧହୁଏ ଇତିହାସ ପାଖରେ ନାହିଁ । ୧୯୪୩ ରେ ବେଙ୍ଗଲ ଦୁର୍ଭିକ୍ଷ ନେଇଛି ଅସଂଖ୍ୟ ଜୀବନ । ଏପଟେ ଚ଼ାଲିଛି ଦ୍ୱିତୀୟ ବିଶ୍ୱଯୁଦ୍ଧର ଘମାଘୋଟ ଲଢେଇ । ନଅଙ୍କ ଦୂର୍ଭିକ୍ଷ, ବେଙ୍ଗଲ ଦୁର୍ଭିକ୍ଷ, ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭୟଙ୍କର ଅନାହାର ମୃତ୍ୟୁର ବିଭିଶିକା ଓ ଆତଙ୍କ ବିଶ୍ୱରେ ଆଣିଛି ଅନେକ ମାନବୀୟ ପରିବର୍ତ୍ତନ । ବ୍ରିଟିଶ ଶାସନାଧୀନ ଭାରତରେ ବ୍ରିଟିଶର ମାନଙ୍କ ଦ୍ୱାରା ଭୋକିଲା ଓ ଯୁଦ୍ଧରେ ସର୍ବସ୍ୱ ହରେଇଥିବା ଅସହାୟ ଲୋକମାନଙ୍କ ପାଇଁ ଆରମ୍ଭ ହୋଇଥିଲା ରେସନିଂ ସିଷ୍ଟମ୍ ଅର୍ଥାତ୍ ଅସହାୟ ଭୋକିଲା ପେଟକୁ କିଛି କିଛି ଖାଦ୍ୟ ଦେବା । ଓଡିଆ ସାହିତ୍ୟ ଆକାଶରେ ପ୍ରଚ଼ଣ୍ଡ ପ୍ରତିଭାଧାରୀ ଲେଖକ କାହ୍ନୁଚ଼ରଣ ମହାନ୍ତିଙ୍କର ଅନବଦ୍ୟ ସୃଷ୍ଟି 'ହା ଅର୍ଣ୍ଣ' ବହିଟି ଯେଉଁମାନେ ପଢିଥିବେ, ସେମାନେ ନିଶ୍ଚିତ ଭାବରେ ଅନୁଭବ କରିଥିବେ ଭୋକର ତାତିକୁ ଓ ସେମାନଙ୍କ ଆଖିର ଲୁଣିଆ ଲୁହ ବତୁରେଇ ଦେଇଥିବ ଛାତିର କଳିଜାକୁ । ଖାଦ୍ୟ ବସ୍ତ୍ର ବାସଗୃହ ମଣିଷର ଜିଇଁବା ପାଇଁ ନିହାତି ଜରୁରୀ । ଲଜ୍ଜା ନିବାରଣ କରିବାକୁ ବସ୍ତ୍ର, ଖରା ବର୍ଷା ରୁ ରକ୍ଷା ପାଇଁ ଆଶ୍ରୟସ୍ଥଳୀ ଓ ଭୋକିଲା ପେଟକୁ ଦାନା ଗଣ୍ଡେ , ଏତିକି ମଣିଷର ସର୍ବନିମ୍ନ ଆବଶ୍ୟକତା । ଭୋକର ତାଡନାରୁ ଲୋକଙ୍କ ଜୀବନ ରକ୍ଷା ପାଇଁ,ସମସ୍ତ ଅସହାୟ ଗରୀବ ପେଟକୁ ଖାଦ୍ୟ ଯୋଗାଇବା ଲକ୍ଷ ନେଇ ଆରମ୍ଭ ହୋଇଥିଲା ଖାଦ୍ୟ ଯୋଗାଣ ବ୍ୟବସ୍ଥା ସରକାରଙ୍କ ଦ୍ୱାରା ଓ ଗଠିତ ହୋଇଥିଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଭାରତ ସରକାରଙ୍କ ଦ୍ୱାରା । ଭାରତର ପ୍ରତ୍ୟେକ ରାଜ୍ୟରେ ଏହି ବିଭାଗ ଅଛି ରାଜ୍ୟ ସରକାରଙ୍କ ଅଧିନରେ । ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଗୁଣବତ୍ତା ମୂତାବକ ଖାଦ୍ୟର ସୁଷମ ବଣ୍ଟନ, ଅନାହାର ମୃତ୍ୟୁର ମୃତ୍ୟୁ ଘଟେଇବା , ଏଫସିଆଇ ମାଧମରେ ଖାଦ୍ୟ ସୁରକ୍ଷିତ କରି ଗଚ଼୍ଛିତ ରଖିବା, କଳା ବଜାରି ରୋକିବା ଇତ୍ୟାଦି କାମ କଂଜ୍ୟୁମର ଏଫେଆର୍ସ ଓ ଫୁଡ୍ ସପ୍ଲାଇଜ୍ ବିଭାଗ ଅଧୀନରେ ଆସେ । ପ୍ରତି ରାଜ୍ୟର ରାଜଧାନୀରେ ରାଜ୍ୟ ଯୋଗାଣ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଅଛି । ବିଭାଗ ଦାୟିତ୍ୱରେ ଜଣେ ମନ୍ତ୍ରୀ ଥାଆନ୍ତି। ଜଣେ ବରିଷ୍ଠ ବ୍ୟୁରୋକ୍ରାଟ ସେକ୍ରେଟାରୀ ଭାବରେ କାର୍ଯ୍ୟ କରନ୍ତି ଓ ତାଙ୍କୁ ସବୁ କାମରେ ସହଯୋଗ କରିବା ପାଇଁ ଅନେକ ପଦସ୍ଥ ଅଧିକାରୀ ଓ କର୍ମଚ଼ାରୀ ଥାଆନ୍ତି । ସେମିତି ଜିଲ୍ଲା ସ୍ତରରେ ଅଛି ଯୋଗାଣ ବିଭାଗର ଜିଲ୍ଲା ଅଫିସ୍ । ପ୍ରତି ଜିଲ୍ଲା ପୁଣି କେତୋଟି ଉପଖଣ୍ଡରେ ବିଭକ୍ତ । ଜିଲ୍ଲା ସ୍ତରରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ,ଅନ୍ୟାନ୍ୟ ଅଧିକାରୀ ଓ କର୍ମଚ଼ାରୀ ଯୋଗାଣ ବିଭାଗ ଚ଼ଳାନ୍ତି । ଉପଖଣ୍ଡ ସ୍ତରରେ ଜଣେ ଅତିରିକ୍ତ ଯୋଗାଣ ଅଧିକାରୀ କିମ୍ବା ଉପଖଣ୍ଡ ଯୋଗାଣ ଅଧିକାରୀ ଥାଆନ୍ତି । ଉପଖଣ୍ଡ ସ୍ତରରେ କେତୋଟି ବ୍ଲକ୍ ରହିଥାଏ । ପ୍ରତି ବ୍ଲକ୍ ରେ ଯୋଗାଣ ବ୍ୟବସ୍ଥାର ତଦାରଖ ପାଇଁ ଜଣେ ଜଣେ ଇନ୍ସପେକ୍ଟର ଅଫ୍ ସପ୍ଲାଇଜ୍ ଥାଆନ୍ତି । ଏହି ଇନ୍ସପେକ୍ଟର ମାନେ ହେଲେ ବିଭାଗର ମୁଖ୍ୟ ସୈନିକ , ବିଭାଗର ମେରୁଦଣ୍ଡ । ପ୍ରକୃତରେ ଏହିମାନେ ହିଁ ସରକାରଙ୍କ ପଲିସି ଓ ନିଷ୍ପତ୍ତିକୁ କ୍ଷେତ୍ର ସ୍ତରରେ କାର୍ଯ୍ୟକାରୀ କରି ଥାଆନ୍ତି । ଗରୀବ ଲୋକକୁ ରେସନ କାର୍ଡ ଦେବା, ରେସନ କାର୍ଡ ସହିତ ସଂପୃକ୍ତ ପରିବାରର ବ୍ୟାଙ୍କ ଖାତା ଲିଙ୍କ୍ କରିବା, ପରିବାରରେ ଯେତେଜଣ ବ୍ୟକ୍ତି ଅଛନ୍ତି, ସେମାନଙ୍କ ଆଧାର କାର୍ଡର ଜେରକ୍ସ ଆଣି ରେସନ କାର୍ଡ ସହିତ ସିଡିଂ କରିବା, କାର୍ଡ ସହିତ ମୋବାଇଲ ନମ୍ବର ଯୋଡ଼ିବା , ବାଟମାରଣା ଓ କଳାବଜାରୀ ରୋକିବା ,ମଲା ଲୋକର ନାମ କାଟିବା, ଜୀବିତ ଯୋଗ୍ୟ ଲୋକର ନାମ ଯୋଡିବା, ଯୋଗାଣ ବିଭାଗର ଲୋକଙ୍କର ଆପତ୍ତି ଅଭିଯୋଗ ଶୁଣିବା ଓ ସମାଧାନ ପାଇଁ ଚେଷ୍ଟା କରିବା ଇତ୍ୟାଦି ଇତ୍ୟାଦି କାମ କରିବା ସହିତ ଠିକଣା ସମୟରେ ପିଡିଏସ୍ ସାମଗ୍ରୀର ଉଠାଣ ଓ ସ୍ୱଚ଼୍ଛତା ରଖି ସୁଷମ ବଣ୍ଟନର ତଦାରଖ କରିବା ଜଣେ ଇନ୍ସପେକ୍ଟରଙ୍କର ମୁଖ୍ୟ କାମ । ଏହା ବ୍ୟତୀତ କ୍ଷେତ୍ର ପରିଦର୍ଶନ କରିବା, ଖାଦ୍ୟ ସାମଗ୍ରୀ ବଣ୍ଟନର ସୁବିଧା ଅସୁବିଧା ଜାଣିବା ପାଇଁ ଖାଉଟି ମାନଙ୍କୁ ଦେଖାକରି ସେମାନଙ୍କ ମତାମତ ନେବା ଜଣେ ଇନ୍ସପେକ୍ଟର ଅଫ୍ ସପ୍ଲାଇଜ୍ ଙ୍କର ଏକ ଗୁରୁତ୍ୱପୂର୍ଣ୍ଣ କାମ । ସଠିକ୍ ସମୟରେ, ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ, ସଠିକ୍ ଗୁଣବତ୍ତା ଥିବା ସାମଗ୍ରୀ ଠିକ୍ ଓଜନରେ ଖାଉଟିମାନେ ପାଉଛନ୍ତି କି ନାହିଁ, ଏହି ଗୁରୁତ୍ୱପୂର୍ଣ୍ଣ କାମ ଦେଖିବା ଇନ୍ସପେକ୍ଟରଙ୍କ ଉପରେ ନ୍ୟସ୍ତ ।ରାଇସ୍ ମିଲ୍ ର ଅଥରାଇଜିଡ୍ ଅଫିସର ଭାବରେ କାର୍ଯ୍ୟ କରିବା ମଦ୍ଧ୍ୟ ଏକ ବଡ଼ କାମ । ଯେପର୍ଯ୍ୟନ୍ତ ରାଇସ୍ ମିଲ୍ ରୁ ନିୟମ ମୁତାବକ ସବୁ ଚ଼ାଉଳ ସରକାରୀ ଖାତାକୁ ନଆସିଛି ସେ ପର୍ଯ୍ୟନ୍ତ ଶାନ୍ତି ନାହିଁ । ଯଦି କୌଣସି ରାଇସ୍ ମିଲ୍ ରାତି ଅଧିଆ କିଛି ଭୁଲ୍ କଲା, ସବୁ ଦୋଷ ରାଇସ୍ ମିଲ୍ ର ଅଥରାଇଜିଡ୍ ଅଫିସର ଥିବା ଇନ୍ସପେକ୍ଟର ଅଫ୍ ସପ୍ଲାଇଜ୍ ର । ମଣ୍ଡିରୁ ଧାନ କିଣାହେବା ପାଖରୁ, ମିଲ୍ ରେ ଚ଼ାଉଳ ହୋଇ ଲୋକଙ୍କ ପାଖରେ ପିଡିଏସ୍ ଚ଼ାଉଳ ପହଞ୍ଚିବା ପର୍ଯ୍ୟନ୍ତ ଇନ୍ସପେକ୍ଟର ଚ଼ାଲୁଥାଏ ପ୍ରତି ମୁହୂର୍ତ୍ତରେ ଶାଣିତ ଖଣ୍ଡା ଉପରେ । ଅର୍ଥ ଓ କ୍ଷମତା ବଳରେ ବଳିଆନ ଜଣେ ରିଟେଲର ଯଦି ଭୁଲ୍ କଲା ଜାଣିଶୁଣି, ମାର୍ ମାର୍ ଭଣ୍ଡରିଆକୁ ମାର୍ ନ୍ୟାୟରେ ମରୁଛି ଇନ୍ସପେକ୍ଟର । ବନ୍ୟା ବାତ୍ୟା ସମୟରେ ତ ଖାଇବା ପିଇବାକୁ ବିଚ଼ରା ଇନ୍ସପେକ୍ଟର ସମୟ ପାଏନି । ପ୍ରାକୃତିକ ଦୁର୍ବିପାକ ସମୟରେ କିଛି ଅସାଧୁ ବେପାରୀଙ୍କ ପାଇଁ ଆଳୁ,ପିଆଜ, ଚୁଡ଼ା, ଗୁଡ଼ , ଖାଇବା ତେଲ ଭଳି ଅତ୍ୟାବଶ୍ୟକ ଦ୍ରବ୍ୟର ଆକାଶଛୁଆଁ ମୂଲ୍ୟବୃଦ୍ଧି ଘଟେ । ଏହି ସମୟରେ ଦରଦାମ୍ ନିୟନ୍ତ୍ରଣ ପାଇଁ ସରକାରଙ୍କ ନିର୍ଦ୍ଦେଶରେ ଯୋଗାଣ ବିଭାଗର କ୍ଷେତ୍ର ସ୍ତରର ଅଧିକାରୀ ମାନେ ଦରଦାମ୍ ଉପରେ ରଖନ୍ତି ନଜର ଓ ଆବଶ୍ୟକ ସ୍ଥଳେ ନିଅନ୍ତି କାର୍ଯ୍ୟାନୁଷ୍ଠାନ । ଏତେ କାମ କରିବା ପରେ ବି, କେବେ ଭତ୍ତା ବଣ୍ଟନ, କେବେ ରୁରାଲ ହାଉସିଂ କାମ,କେବେ ଜନ ସୂଚ଼ନା ଅଧିକାରୀ ଦାୟିତ୍ୱ ତୁଲେଇବାକୁ ହୁଏ । କହିବାକୁ ଗଲେ ଯୋଗାଣ ବିଭାଗର ସଫଳତା ଓ ବିଫଳତା ଏହି ସୈନିକ ମାନଙ୍କ ଉପରେ । ଦିନେ ସମୟ ଥିଲା ମାନୁଆଲ ମୋଡ୍ ରେ କୁଆଡେ ବଣ୍ଟନ କାର୍ଯ୍ୟ ହେଉଥିଲା । ସେଥିରେ ଅନେକ ସମୟରେ ବାଟମାରଣା, ଅପମିଶ୍ରଣ ଓ କଳାବଜାରୀର ଖବର ଆସୁଥିଲା । ବିଭାଗ ହେଉଥିଲା ନିନ୍ଦିତ । ଯୋଗାଣ ବିଭାଗକୁ ଦୁର୍ନୀତିର ଘର ବୋଲି କୁହା ଯାଉଥିଲା । ଏହି କଳାକାରନାମାରେ ଯେ ସମସ୍ତ ଅଧିକାରୀ ଓ କର୍ମଚ଼ାରୀ ସାମିଲ୍ ଥିଲେ, ସେକଥା କୁହାଯାଇ ପାରିବ ନାହିଁ । କିଛି ଅସାଧୁ ଅଧିକାରୀ ଓ କର୍ମଚ଼ାରୀଙ୍କ ସର୍ବଗିଳା ମନୋଭାବ ପାଇଁ ଏମିତି ଘଟୁଥିଲା ।ସମୟକ୍ରମେ କିନ୍ତୁ ଆଜି ଅତୀତର କଳଙ୍କିତ ଇତିହାସ ସମାଧି ନେଇଛି ପ୍ରାୟତଃ । ବିଭାଗରେ ଆସିଛି ଆମୂଳଚୂଳ ପରିବର୍ତ୍ତନ । ଲକ୍ଷ ଲକ୍ଷ ଉଚ୍ଚ଼ ଶିକ୍ଷିତ ଯୁବକ ଯୁବତୀ ମାନଙ୍କ ଭିତରୁ ବିଭିନ୍ନ ସ୍ତରରେ ପରୀକ୍ଷା ଦେଇ ସଫଳ ହେଉଥିବା ଯୋଗ୍ୟ ପ୍ରାର୍ଥୀ ପାଉଛନ୍ତି ବିଭାଗରେ ଚ଼ାକିରୀ । ଲାଗୁ ହୋଇଛି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ୨୦୧୩ । ଓଡ଼ିଶା ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଛନ୍ତି ୨୦୧୮ ରେ । ଏବେ ସବୁକିଛି ଅନଲାଇନ୍ ରେ ହେଉଛି ,କମ୍ପ୍ୟୁଟର ଓ ପଏଣ୍ଟ ଅଫ୍ ସେଲ୍ ମେସିନ୍ ରେ । କମ୍ପୁଟର କଣ୍ଟାରେ ପିଡିଏସ୍ ସାମଗ୍ରୀ ଓଜନ ହୋଇ ଯାଉଛି ରିଟେଲ ପଏଣ୍ଟକୁ । ରିଟେଲ ପଏଣ୍ଟରେ ଖାଉଟି ଇ ପସ୍ ଡିଭାଇସ୍ ରେ ଟିପ ଚ଼ିହ୍ନ କିମ୍ବା ଆଇରିସ୍ ସ୍କାନରରେ ଆଖି ଦେଖେଇ ଅଥେଣ୍ଟିକେଟେଡ ଓ୍ୱେ ତା'ର ସଠିକ୍ ପ୍ରାପ୍ୟ କମ୍ପ୍ୟୁଟର କଣ୍ଟାରେ ଓଜନ ଦେଖି ନେଉଛି । ଖାଉଟିମାନଙ୍କୁ ଠକିବା ଯୁଗର ଶେଷ । କିନ୍ତୁ କେତେକ କ୍ଷେତ୍ରରେ, ଯେଉଁ ଏରିଆରେ ଠିକ୍ ମୋବାଇଲ୍ ନେଟଓ୍ୱର୍କ ରହୁନାହିଁ, ସେଇଠି ଟିକେ ଅସୁବିଧା ରହୁଛି । ବେଳେ ବେଳେ ସର୍ଭର ପ୍ରୋବ୍ଲେମ ପାଇଁ କିଛି ଅସୁବିଧା ରହୁଛି । କେତେକ କ୍ଷେତ୍ରରେ ଦେଖା ଯାଉଛି ବ୍ଲକ୍ ଯୋଗାଣ ଅଧିକାରୀ କିଛି ରିଟେଲରଙ୍କ ଭୁଲ୍ ପାଇଁ ବିନା ଦୋଷରେ ଗାଳି ମାଡ଼ ଖାଉଛନ୍ତି । କେଇ ମାସ ତଳେ ଭଦ୍ରକ ବାସୁଦେବପୁର ବ୍ଲକ୍ ରେ ଯୋଗାଣ ଅଧିକାରୀଙ୍କ ସହିତ ଯାହା ଘଟିଲା, ତାହା ଅତ୍ୟନ୍ତ ନିନ୍ଦନୀୟ । କିଛି ଲୋକଙ୍କର ଯୋଗାଣ ବିଭାଗ ପ୍ରତି ଥିବା ନକାରାତ୍ମକ ଧାରଣା ଏବେବି ଅଛି । ଲୋକ ସଚେତନତା ଗୋଟେ ବଡ଼ କଥା । ଲୋକମାନେ ବୁଝିବା ଦରକାର ଯେ ଅତୀତର ଯାହା ହୋଇଛି, ହୋଇଛି । ଏବେ ଗୌରବମୟ ପଥରେ ଚ଼ାଲିଛି ଯୋଗାଣ ବିଭାଗ । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଗୋଟେ ବ୍ଲକ୍ ରେ ପାଖାପାଖି ଅଶି ଭାଗରୁ ଅଧିକ ଲୋକଙ୍କୁ ପ୍ରତିମାସରେ ପିଡିଏସ୍ ସାମଗ୍ରୀ ଯୋଗାଣ ଓ ବଣ୍ଟନର ତଦାରଖ କରନ୍ତି ଇନ୍ସପେକ୍ଟର । ଅଫିସ୍ ରେ ସେ ଏକା, ନିଜେ ଅଧିକାରୀ, ନିଜେ ଜୁନିଅର ଆଶିଷ୍ଟାଣ୍ଟ ଓ ଚ଼ତୁର୍ଥ ଶ୍ରେଣୀର କର୍ମଚ଼ାରୀ । ଉପଖଣ୍ଡ ସ୍ତରରେ ବି ସମାନ ଅବସ୍ଥା । ଉପଖଣ୍ଡ ଯୋଗାଣ ଅଧିକାରୀ ମହାଶୟ ନିଜେ ଅଧିକାରୀ, ନିଜେ କିରାଣୀ । ତେଣୁ ଉପଖଣ୍ଡ ଓ ବ୍ଲକ୍ ସ୍ତରରେ କାର୍ଯ୍ୟ କରୁଥିବା ଯୋଗାଣ ବିଭାଗ ଅଧିକାରୀ ମାନଙ୍କୁ ସରକାର ଅଧିକ କ୍ଷମତା ଦେଇ ପଦମର୍ଯ୍ୟାଦାରେ ଉନ୍ନତି ଆଣିବା ପ୍ରତି ଟିକେ ବିଚ଼ାର କଲେ ଅଧିକ ଆଗ୍ରହର ସହିତ ଏହି ବିଭାଗରେ କାର୍ଯ୍ୟରତ ତଳ ସ୍ତରର ସୈନିକ ମାନେ ଆହୁରି ଭଲ କାମ କରନ୍ତେ ବୋଲି ମନେହୁଏ । ଏମିତି ହେଲେ ବିଭାଗର ଗାରିମା ବଢ଼ିବା ସହିତ ବିଭାଗ ଆହୁରି କ୍ରିୟାଶୀଳ ହେଇ ପାରନ୍ତା । ନିଃସନ୍ଦେହରେ କୁହା ଯାଇପାରେ ସାମଗ୍ରୀକ ଭାବରେ ଯୋଗାଣ ବିଭାଗର ଚେହେରାରେ ଆସିଛି ବହୁ ସକାରାତ୍ମକ ପରିବର୍ତ୍ତନ । ଏହି ଚ଼ମତ୍କାର ପରିବର୍ତ୍ତନ ପାଇଁ ତଳୁ ଉପର ପର୍ଯ୍ୟନ୍ତ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚ଼ାରୀଙ୍କର କର୍ତ୍ତବ୍ୟ ପରାୟଣତା ଓ ନିଷ୍ଠା ନିଶ୍ଚିତଭାବେ ପ୍ରଶଂସନୀୟ । ସ୍ୱୀକାର୍ଯ୍ୟ ଯେ ମଝିରେ ମଝିରେ କିଛି ଭୁଲ୍ ଘଟୁଛି କିଛି ଅସାଧୁ ମନସ୍କ ବ୍ୟକ୍ତି ବିଶେଷ ଓ ରିଟେଲର ମାନଙ୍କ ପାଇଁ, କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ସେମାନେ ଯେଉଁ ଦଣ୍ଡ ପାଉଛନ୍ତି, ସେହି ଦଣ୍ଡ ବ୍ୟବସ୍ଥା ଆହୁରି କଠୋର ହେବା ଦରକାର । ସରକାର ବ୍ଲକ୍ ସ୍ତରର ଓ ଉପଖଣ୍ଡ ସ୍ତରର ଯୋଗାଣ ଅଧିକାରୀମାନଙ୍କୁ ଅଧିକ କ୍ଷମତା ଦେଇ ସେମାନଙ୍କ ହାତମୁଠାକୁ ଅଧିକ ଶକ୍ତ କରିବା ଦରକାର । ଦେଶର ସୀମାରେଖା ଜଗି ଦେଶକୁ ସୁରକ୍ଷା ଦିଏ ବୀର ଯୋଦ୍ଧା ସୈନିକ କିନ୍ତୁ ବ୍ଲକ୍ ସ୍ତରରେ ଜଣେ ଯୋଗାଣ ଅଧିକାରୀ ଗରୀବ ଅସହାୟର ଭୋକିଲା ପେଟକୁ ଦିଏ ଖାଦ୍ୟ ନିରାପତ୍ତା , ଆଣେ ସାଧାରଣ ଲୋକମାନଙ୍କର ଜୀବନରେ ଅର୍ଥନୈତିକ ଓ ସାମାଜିକ ପରିବର୍ତ୍ତନ ସରକାରଙ୍କ ନିର୍ଦ୍ଦେଶ ଓ ନିୟମାବଳୀ ଅନୁସାରେ । ଜଣେ ଗରୀବ ଅସହାୟର ପେଟ ଚ଼ାଖଣ୍ଡକ ପୁରିଗଲା ପରେ ସେ ଉପରକୁ ଉଠିବାକୁ ସ୍ୱପ୍ନ ଦେଖେ , ଧିରେ ଧିରେ ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ଚେଷ୍ଟା କରେ , ଆତ୍ମ ନିର୍ଭର ହୁଏ । ଖାଦ୍ୟ ନିରାପତ୍ତା ବାବଦରେ ସରକାରଙ୍କ ଉଦ୍ୟମକୁ ବାସ୍ତବରେ ଯିଏ କାର୍ଯ୍ୟରେ ରୂପାନ୍ତରିତ କରେ, ସେ ହେଉଛି ବ୍ଲକ୍ ସ୍ତରରେ କାର୍ଯ୍ୟ କରୁଥିବା ଲୋକଟି । ତେଣୁ ଜଣେ ନିର୍ଭିକ ସୈନିକ ଠାରୁ ଜଣେ ବ୍ଲକ୍ ସ୍ତରର ଯୋଗାଣ ଅଧିକାରୀ ବା ଯୋଗାଣ ନିରିକ୍ଷକ କୌଣସି ଗୁଣରେ କମ୍ ନୁହେଁ । ଶେଷରେ ଏତିକି କହିବି, ଈଶ୍ୱର କରନ୍ତୁ, କୋ ?ଣସି ଲୋକ ଭୋକରେ ନରୁହନ୍ତୁ , ସମସ୍ତ ଯୋଗ୍ୟ, ଗରୀବ ଲୋକ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ କିମ୍ୱା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୁଅନ୍ତୁ ଓ ଏହି ମନ୍ତ୍ର ନେଇ ଯୋଗାଣ ବିଭାଗର ସମସ୍ତ ଅଧିକାରୀ ଆହୁରି ଅଧିକ ନିଷ୍ଠାର ସହିତ କାମ କରିଚ଼ାଲନ୍ତୁ ।



ଭାସ୍କର ବାରିକ୍

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*

# ଅପରାଧୀଙ୍କ ଅଭୟାରଣ୍ୟରେ ଆତଙ୍କିତ ଭୋଟର

ଆପଣମାନେ ନିଶ୍ଚିନ୍ତ ଅଭୟାରଣ୍ୟ ଯାଇଥିବେ, ସେଠି ଦେଖିଥିବେ ହିଂସ୍ର ବାଘ ଓ ସିଂହ କିପରି ସୁରକ୍ଷିତ ଭାବେ ନିର୍ଭୟରେ ମୁକ୍ତ ଭାବରେ ବିଚରଣ କରିଥାନ୍ତି। ସେମାନଙ୍କ ପାଇଁ କୌଣସି ନୀତିନିୟମ, ଆକଟ ନଥାଏ। କିନ୍ତୁ ସେମାନଙ୍କ ଭିତରକୁ ଦୁର୍ଭାଗ୍ୟକୁ ଯଦି କେହି ଅନୁପ୍ରବେଶକରି ଚଳପ୍ରଚଳ କରନ୍ତି ତେବେ ଜୀବନ ତ ଯିବ କିନ୍ତୁ ନିଜ ସୁରକ୍ଷା ପାଇଁ ସେମାନଙ୍କୁ ଆକ୍ରମଣ ବା ହତ୍ୟାକଲେ ଆପଣଙ୍କ ନାମରେ ମାମଲା ରୁଜୁ ହେବ। ବାଘ ସିଂହ ହେଉଛନ୍ତି ଅଭୟାରଣ୍ୟର ରାଜା। ଏଠାରେ କଥା ସ୍ପଷ୍ଟ ଯେ ଅଭୟାରଣ୍ୟ ଘୋଷିତ ହୋଇଛି ଅର୍ଥାତ୍ ସେଠାରେ ହିଂସ୍ର ଜନ୍ତୁ ମାନଙ୍କ ଅବାଧ ଗତାଗତ ଓ ଚଳପ୍ରଚଳ ରହିଛି। ଠିକ ସେହିପରି କହିବାକୁଗଲେ ଆମ ଦେଶରେ ଅପରାଧୀ ଓ ହିଂସା ଉପଦ୍ରବକାରୀ ମାନଙ୍କ ମଧ୍ୟ ମୁକ୍ତ ଅଭୟାରଣ୍ୟ ରହିଛି। ସମାଜର ଭଲ ମଣିଷ ତଥା ଶାନ୍ତିରେ ଜୀବନ ନିର୍ବାହ କରିବାକୁ ଚାହୁଁଥିବା ମଣିଷଟି ପାଇଁ ଦେଖିଚାହିଁ ଚଳପ୍ରଚଳ କରିବାକୁ ପଡ଼େ। ନଚେତ ସମସ୍ୟାରେ ତ ପଡ଼ିବେ ଆଉ ନିଜ ଘର ପରିବାର, ପରିଜନ ଆତ୍ମୀୟଙ୍କୁ ବିପଦରେ ପକାଇ କେତେବେଳେ ମୂଲ୍ୟବାନ ଜୀବନଟି ବି ଅକାଳରେ ଚାଲିଯାଇପାରେ। ଆଶ୍ଚର୍ଯ୍ୟର କଥା ଭାରତ ହେଉଛି ବିଶ୍ୱର ଗଣତନ୍ତ୍ରର ସବୁଠାରୁ ବଡ଼ ରାଷ୍ଟ୍ର ବିଶ୍ୱ ଅର୍ଥନୀତି ଓ ଅଭିବୃଦ୍ଧିରେ ଆମ ଦେଶ କୁଆଡ଼େ ବିଶ୍ୱଗୁରୁର ସ୍ଥାନ ନେଇସାରିଲାଣି।

ଅପରାଧୀକ ମାମଲା ଥିବା ଦାଗୀ ମନ୍ତ୍ରୀ, ବିଧାୟକମାନେ ନିର୍ବାଚନରେ ଆସୁଛନ୍ତି ତେବେ ସମ୍ଭବତଃ ଭାରତର ନ୍ୟାୟ ବ୍ୟବସ୍ଥା ଓ ନିର୍ବାଚନ କମିଶନଙ୍କ କଠୋର କଟକଣା କାରଣ ପାଇଁ ସେମାନଙ୍କୁ ନିର୍ବାଚନରେ ବାରଣ ତ କରାଯାଇପାରିବନି, କେବଳ ସେମାନଙ୍କ ନାମରେ ଅପରାଧୀକ ମାମଲା, କେସ, ଅଭିଯୋଗ କ'ଣ କ'ଣ ସବୁ ରହିଛି ତାହା ସାର୍ବଜନୀନ କରାଯାଇଥାଏ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଆମ ଭାରତରେ ଏପରି ଲୋକପ୍ରତିନିଧି ରହିଛନ୍ତି ଯେଉଁ ମାନଙ୍କ ନାମରେ ଗଣ୍ଡା ଗଣ୍ଡା ହତ୍ୟା, ବଳାତ୍କାର, ଶିଶୁହତ୍ୟା, ଦଙ୍ଗା ପରି ବିପଜ୍ଜନକ ଓ ସଙ୍ଗୀନ ମାମଲା ସବୁ ରହିଛି। ସିଧା କହିବାକୁଗଲେ ଏମାନେ ଯେ ଆମ ନିର୍ବାଚନ ଅଭୟାରଣ୍ୟର ଜଣେ ଜଣେ ହିଂସ୍ର ଜନ୍ତୁ ସମ୍ଭବତଃ ଏହା ହିଁ ଜଣାଇ ଦିଆଯାଇଥାଏ। ଭୋଟ ଦେବାତ ପରର କଥା, ଆପଣମାନେ ଏପରି ହିଂସ୍ର ଜନ୍ତୁ ମାନଙ୍କର ମେଳରେ ବୁଲୁଛନ୍ତି ଅର୍ଥ ଆପଣଙ୍କ ଜୀବନ ନିରାପଦ କି ବିପଦ ତାହା ଦାୟିତ୍ୱ ଆପଣ ମାନଙ୍କର !

ଆମ ନ୍ୟାୟପାଳିକାର ବ୍ୟବସ୍ଥା ଅନୁଯାୟୀ ଦାଗୀ ବା ଅପରାଧ ମାମଲା ଥିବା ମନ୍ତ୍ରୀ ବିଧାୟକମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱୀତା କରିବା ପାଇଁ ବାରଣ ନାହିଁ କାରଣ ସେମାନେ ଦୋଷୀ ସାବ୍ୟସ୍ତ ହୋଇନାହାଁନ୍ତି। ତେଣୁ ଲୋକଙ୍କୁ ସମ୍ଭବତଃ ଜଣାଇ ଦିଆଗଲା ଯେ ଏପରି ଦାଗୀ, କୁଖ୍ୟାତ ଓ ଭୟଙ୍କର ଚେହେରାର ତଥାକଥିତ ଲୋକପ୍ରତିନିଧିମାନେ ନିର୍ବାଚନରେ ଛିଡ଼ା ହୋଇଛନ୍ତି ତେଣୁ ସାଧୁ ସାବଧାନ। ନିଜ ସୁରକ୍ଷା ନିଜ ଦାୟିତ୍ୱରେ। ନିକଟରେ ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର) ରିପୋର୍ଟ ପ୍ରକାଶ ପାଇଛି – ରାଜ୍ୟରେ ୬୫ ବିଧାୟକଙ୍କ ନାଁରେ ରହିଛି ଅପରାଧିକ ମାମଲା। ହତ୍ୟା, ନାରୀ ନିର୍ଯ୍ୟାତନା, ଅପହରଣ, ଦୁର୍ନୀତି ଭଳି ସଙ୍ଗୀନ ଅଭିଯୋଗ ମଧ ରହିଛି। ଏଥିମଧ୍ୟରେ ବିଜେଡିର ସର୍ବାଧିକ ୪୪ ବିଧାୟକ ରହିଥିବା ବେଳେ ତା'ପଛକୁ ରହିଛି ବିଜେପି। ବିଜେପିର ୧୩ ବିଧାୟକଙ୍କ ନାମରେ ଅପରାଧକ ମାମଲା ରହିଛି ବୋଲି ରିପୋର୍ଟରୁ ଜଣାଯାଇଛି। ରିପୋର୍ଟ କହୁଛି ରାଜ୍ୟରେ ୧୪୬ ଜଣ ବିଧାୟକ ଅପରାଧିକ ତଥ୍ୟ ଦାଖଲ କରିଛନ୍ତି। ସେଥିମଧ୍ୟରୁ ୪୫ ପ୍ରତିଶତ ଅର୍ଥାତ୍ ୬୫ ବିଧାୟକ ହେଉଛନ୍ତି ଦାଗୀ। ୪୭ ଜଣଙ୍କ ବିରୋଧରେ ଅତି ସଙ୍ଗୀନ ମାମଲା ରହିଛି। ୨ ବିଧାୟକଙ୍କ ନାଁରେ ହତ୍ୟା ଏବଂ ୧୧ ଜଣଙ୍କ ବିରୋଧରେ ହତ୍ୟା ଉଦ୍ୟମ ଭଳି ମାମଲା ରହିଛି। ଏଥିରେ ସବୁ ଦଳର ବିଧାୟକ ଅଛନ୍ତି। ୧୩ ଜଣଙ୍କ ନାଁରେ ମହିଳା ନିର୍ଯାତନା ମାମଲା ମଧ ରହି।


ନିକଟରେ ଗଣମାଧ୍ୟମର ତଥ୍ୟ ଅନୁଯାୟୀ ଭାରତୀୟ ଗଣତନ୍ତ୍ରରେ ନିର୍ବାଚନ ପାଇଁ ପାଖାପାଖି ୯୦କୋଟି ୬୯ଲକ୍ଷ ମତଦାତା ନିଜର ମତଦାନ ସାବ୍ୟସ୍ତ କରୁଛନ୍ତି। ବିଶ୍ୱର ଏସବୁ ଠାରୁ ବଡ଼ ଗଣତାନ୍ତ୍ରିକ ମହାପର୍ବରେ ସରକାରୀ ଭାବେ ନିର୍ବାଚନ ପାଇଁ ଏକ ଲକ୍ଷ କୋଟି ଟଙ୍କାର ଖର୍ଚ୍ଚ ହେଉଛି। ଗତ ୨୦୧୯ ନିର୍ବାଚନରେ ସରକାରୀ ଭାବେ ପାଖାପାଖି ୬୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଯେଉଁଠି ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ୧ଲକ୍ଷ କୋଟିରୁ ଅଧିକ ଖର୍ଚ୍ଚ ହୋଇଥିଲା। ତେବେ ଭାରତ ପରି ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ଆୟୋଗ ଲୋକସଭା ପ୍ରାର୍ଥୀଙ୍କ ପାଇଁ ଖର୍ଚ୍ଚ ସୀମା ୭୫ରୁ ୯୫ ଲକ୍ଷ ଓ ବିଧାନସଭା ପ୍ରାର୍ଥୀଙ୍କ ପିଛା ୨୮ରୁ ୪୦ ଲକ୍ଷ ଟଙ୍କା ଧାର୍ଯ୍ୟ କରିଛନ୍ତି। ଏହା ହେଉଛି ପ୍ରାର୍ଥୀଙ୍କର ଆଇନଗତ ଖର୍ଚ୍ଚ କିନ୍ତୁ ବାସ୍ତବରେ ଖର୍ଚ୍ଚ କେତେ ହୁଏ ତାହା ସମସ୍ତଙ୍କୁ ବେଶ ଜଣା। ଅନେକ ହୁଏତ ଜାଣିନଥିବେ ୧୯୫୧-୫୨ରେ ଭାରତର ପ୍ରଥମ ଲୋକସଭା ନିର୍ବାଚନ ସମୟରେ ଖର୍ଚ୍ଚ ଥିଲା ମାତ୍ର ୨୫ ହଜାର ଟଙ୍କା। ୨୦୧୯ର ନିର୍ବାଚନରେ ପ୍ରତି ଲୋକସଭା କ୍ଷେତ୍ର ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମତଦାତାଙ୍କ ମୁଣ୍ଡ ପିଛା ବ୍ୟୟ ହେଉଛି ୭୦୦ ଟଙ୍କା। ଏଡ଼ିଆରର ତଥ୍ୟ ଅନୁଯାୟୀ ଦେଶର ୩୨ଟି ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀଙ୍କ ପାଇଁ ୨୦୧୯ରେ ସରକାରୀ ଭାବେ ମୋଟ ୨୯୯୪ କୋଟି ଟଙ୍କା ବ୍ୟୟ କରିଥିଲେ। ଏ ଖର୍ଚ୍ଚ ଭିତରେ ସେ ଦାଗୀ ଅପରାଧୀଙ୍କ ଖର୍ଚ୍ଚ ମଧ୍ୟ ରହିଛି। ପରବର୍ତ୍ତୀ ସମୟରେ ସେମାନେ ଦୋଷୀ ସାବ୍ୟସ୍ତ ହେଲେ ସେମାନଙ୍କ ଠାରୁ ନିର୍ବାଚନୀ ଖର୍ଚ୍ଚ ସରକାରୀ ଭାବେ ଅସୁଲ କରାଯାଏ କି ? କାରଣ ଏହା ଆମ ଟିକସର ଅର୍ଥ ଯାହାର ମାଲିକ ଜନସାଧାରଣ।

ଆମ ନ୍ୟାୟପାଳିକାର ବ୍ୟବସ୍ଥା ଅନୁଯାୟୀ ମାମଲା ଭିତରୁ କିଏ ବିନା ଦଣ୍ଡରେ ନିର୍ଦ୍ଦୋଷରେ ଖଲାସ ହେବେ ବା କିଏ ଦୋଷୀ ସାବ୍ୟସ୍ତ ହେବେ ତାହାତ ଆଗାମୀ ଦିନରେ ଜଣାପଡ଼ିବ କିନ୍ତୁ ଏଠାରେ ଗୋଟିଏ କଥା ବେଶ ସୁସ୍ପଷ୍ଟ ଯେ ଆମ ଦେଶରେ ବିଳମ୍ବିତ ନ୍ୟାୟ ପାଇଁ ଏପରି ବ୍ୟକ୍ତିମାନେ ନିର୍ବାଚନ ଲଢ଼ିବାର ସୁଯୋଗ ପାଉଛନ୍ତି। ଏହା ନିଶ୍ଚିନ୍ତ ଏକ ଆଶ୍ଚର୍ଯ୍ୟର କଥା କିନ୍ତୁ ଆମ୍ଭ ମାନଙ୍କର ବିଚାର ଶକ୍ତିରେ ଯେହେତୁ ମୋଟ ଚମ ବସିଯାଇଛି ତେଣୁ ଆମ୍ଭେମାନେ ଏହାକୁ ବୁଝିବାକୁ ସମର୍ଥ ହୋଇନଥାଉ। ଯେହେତୁ ଆମ୍ଭେମାନେ ନିର୍ବାଚନ ସମୟରେ ନିଜ ମୂଲ୍ୟବୋଧ ଓ ନୈତିକତାକୁ ଗୁରୁତ୍ୱ ଦେଉନଥାଉ ଏହିପରି ପରିଣତିକୁ ଆମ୍ଭମାନଙ୍କୁ ସାମ୍ନା କରିବାକୁ ପଡ଼ିଥାଏ। ଆଉ ଏକ ଚମତ୍କାର କଥା ପରବର୍ତ୍ତୀ ସମୟରେ ବିଚାରାଳୟ ଦ୍ୱାରା ଜଣେ ଲୋକପ୍ରତିନିଧି ଦୋଷୀ ସାବ୍ୟସ୍ତ ହେଲାବେଳକୁ ସେ ଅନେକ ଦିନ ବା ବର୍ଷ ଶାସନଗାଦିରେ ବସି ଗଣତନ୍ତ୍ରର ପ୍ରତିନିଧିତ୍ୱ କରି ଆମ୍ଭ ମାନଙ୍କୁ ମୂଲ୍ୟବୋଧ ଆଦର୍ଶ, ନିଷ୍କଳଙ୍କ ଚରିତ୍ରବାନ, ଉତ୍ତରଦାୟୀ ଓ ସାଧୁତାର ପରାମର୍ଶ ଦେଇସାରିଥିବେ ଓ ଆମ୍ଭେମାନେ ଗଦ ଗଦ ହୋଇ ତାଳି ମାରି ସେମାନଙ୍କୁ ପୁଷ୍ପମାଲ୍ୟ ମଧ୍ୟ ପିନ୍ଧାଇ ସାରିଥିବା। ଏ ସବୁ ବ୍ୟବସ୍ଥାର କେବେ ଅନ୍ତ ହେବ ଏହା ହିଁ ବଡ଼ ପ୍ରଶ୍ନ। ଏଯଦି କିଏ କେବେ ଦୋଷୀ ସାବ୍ୟସ୍ତ ହୁଏ ସେତେବେଳକୁ ସିଏ ବେଶ୍ କେଇ ପାଳି ଆସନରେ ବସି ଲୋକଙ୍କୁ ଶାସନ କରିସାରିବ। ଲୋକେ ନିଷ୍ଠାବାନ, ଚରିତ୍ରବାନ ଏବଂ ମୂଲ୍ୟବୋଧି ହେବାର ପରାମର୍ଶ ଦେଇସାରିଥିବେ ସେ ନିର୍ବାଚିତ ପ୍ରତିନିଧି ଜଣକ – ଏଇଟା ହିଁ ଆମର ଦୁର୍ଭାଗ୍ୟ।



ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

*ବିଭବ, ଆଚାର୍ଯ୍ୟ କଲୋନୀ,*
*ବାଲିଗୁଡ଼ା, କନ୍ଧମାଳ,*
*ଦୂରଭାଷ : ୯୪୩୭୨୪୨୩୧୭*



# ସାହିତ୍ୟ ଦର୍ପଣ

## ନାପସନ୍ଦ ନାଆଁ


ସୁଦର୍ଶନ ମହାପାତ୍ର

ତା ନାଆଁ କାହିଁକି ସୁଦର୍ଶନ ଦିଆ ହେଲା ବୋଲି ପିଲାଦିନରୁ ତା'ର ମନଦୁଃଖ। ନିହାତି ଗୋଟିଏ ଅପସନ୍ଦିଆ ନାଁ।

ତା' ମନରେ ଏମିତି ଏକ ଦୁଃଖ ଜମାଟ ବାନ୍ଧିବାର କାରଣ ବି ଥିଲା। ପ୍ରଥମ କାରଣ ଏବଂ ଯେଉଁଟା ପ୍ରଧାନ କାରଣ, ସେଇଟା ହେଲା ତାଙ୍କ ଘରଠୁ ଅଳ୍ପ ଦୂରରେ ଥିବା ସାହୁସାହିର ମାଧିଆ ସାହୁ ପୁଅର ନାଁ ସୁଦର୍ଶନ। ଯଦିଓ ସେ ସୁଦୁରିଆ ନାଁ ରେ ସମସ୍ତଙ୍କ ପାଖରେ ପରିଚିତ, ତା' ଭୋଟର ପରିଚୟପତ୍ରରେ କୁଆଡେ ସୁଦର୍ଶନ ସାହୁ ଲେଖା ଅଛି।

ସୁଦୁରିଆ ସାହୁର ଗୋଟିଏ ଦୋଷ ଥିଲା।ତେର ଚଉଦ ବର୍ଷ ପର୍ଯ୍ୟନ୍ତ ତା' ପାଟିରୁ ଲାଳ ଗଡୁଥିଲା ଏବଂ ତା' ନାକରୁ ବାହାରୁ ଥିବା ଶିଂଘାଣୀକୁ ସେ ତା ଆଙ୍ଗୁଠିରେ ଗୋଟେଇ ଆଣି ପ୍ୟାଣ୍ଟ ପଛପଟେ ଲେସି ଦେଉଥିଲା।ଏ ସବୁ କଥା କିନ୍ତୁ ନିଜ ଆଖିରେ ଦେଖି ନଥିଲା ସୁଦର୍ଶନ ମହାପାତ୍ର।ତା' ଉପରର ଦୁଇ ଭାଇ ଭଉଣୀ ଏସବୁ କହି ତାକୁ ଚିଡାନ୍ତି ଏବଂ ନିଜ ନାଁ ପାଇଁ ତାକୁ ନିରୁତ୍ସାହିତ ହେବାକୁ ଏକରକମ ବାଧ୍ୟ କରନ୍ତି।

ସୁଦର୍ଶନ ମହାପାତ୍ର ନିଜ ନାଁ ପରିବର୍ତ୍ତ ? ଦର୍ଶନ ମହାପାତ୍ର କିମ୍ବା ତା'ର ଡାକ ନାଁ ସୋନୁ କିମ୍ବା ତା'କୁ ଭଲ ଲାଗୁଥିବା କିଛି ନାଁ ରଫ୍ ଖାତାରେ ଲୁଚେଇ ଲୁଚେଇ ଲେଖେ, କେମିତି ଶୁଭୁଚି ବୋଲି ବାରମ୍ବାର ସେଇ ନାଁ ସବୁକୁ ଉଚ୍ଚାରଣ କରେ। କେତୋଟି ନାଁ ତା' ମନକୁ ପାଇଲାବେଳକୁ ମନେପଡେ ବଡ ଭଉଣୀ,ବଡ ଭାଇଙ୍କ ନାଁ ଯଥାକ୍ରମେ ସୁହାସିନୀ ,ସୁଶୋଭନ ପଛକୁ

ଯେମିତି ସୁଦର୍ଶନ ନାଆଁ ହିଁ ଏକମାତ୍ର ଖାପ ଖାଇବା ଭଳି ନାଁ ! ତେଣୁ ନିଜ ନାଁ କୁ ବଦଳାଇବା ଅସମ୍ଭବ।

ଏତଦବ୍ୟତୀତ ଆଉ ଗୋଟିଏ କାରଣ ବି ସୁଦର୍ଶନ କୁ ନିଜ ନାଁ ପ୍ରତି ବିମୁଖ ହେବାର ଖୋରାକ ଯୋଗାଇଥିଲା। ନାରଣ ଅର୍ଥାତ ନାରାୟଣ ମିଶ୍ର ଯେ କି ତା'ର ର ଉତ୍ତମ ବନ୍ଧୁ ଥିଲା ସେ ବି ସମୟ ସମୟରେ ସୁଦର୍ଶନ ନାଁ ର ନିକୃଷ୍ଟତାକୁ ଦେଖାଉ ଥିଲା। ନାରାୟଣ ଙ୍କ ହାତରେ ସୁଦର୍ଶନ ଆଜ୍ଞାକାରୀ ହୋଇ ସର୍ବଦା ଥାଏ ବୋଲି ବନ୍ଧୁ ନାରଣ ଚେତେଇ ଦେବାକୁ ଭୁଲେନା।

-' ସୁଦର୍ଶନ ଚକ୍ର ନୁହେଁ, ସୁଦର୍ଶନ ର ଅର୍ଥ ଯା ଟିକେ ଦେଖିବୁ ଡିକସିନାରୀରେ..! ଯେ ଦେଖିବାକୁ ସୁନ୍ଦର ସେ ସୁଦର୍ଶନ।' ନାରଣ କୁ ବୁଝାଇବାକୁ ଆପ୍ରାଣ ଚେଷ୍ଟା କରେ ସେ। ହେଲେ ନାରାୟଣ ମାନିବାକୁ ନାରାଜ ! ବନ୍ଧୁତା ଭାଙ୍ଗିଯିବା ଭୟରେ ଆଉ ବେଶୀ ଯୁକ୍ତି କରି ପାରେନା ସୁଦର୍ଶନ।

ବୋଉକୁ ନିଜ ନାଁ କୁ ନେଇ ଥିବା ଦୁଃଖ ବିଷୟରେ ଥରେ କହିଥିଲା ସେ। ତା କଥା ଶୁଣୁ ଶୁଣୁ ବୋଉ ତା'ର ଦର୍ଶନ ଶାସ୍ତ୍ର ବ୍ୟାଖ୍ୟା କଲା।

- ' ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ କିଏ ଖରାପ କହିଲେ ତା'ର ପାପ ହେବ।ତୋର କ'ଣ ଅଛି ?ତୁ କାହା କଥା ଶୁଣୁନା ଜମା...!' ତା ପୁଅ ଦେଖିବାକୁ ସବୁଠୁ ଡଉଲ ଡାଉଲ ସୁନ୍ଦର ଏବଂ ତା ପୁଅର ନାଁ ଦୁନିଆର ଶ୍ରେଷ୍ଠ ନାଁ ବୋଲି ପୁଅ ମନ ଭିତରେ ପ୍ରବେଶ କରାଇବାକୁ ଚେଷ୍ଟା କଲା ବୋଉ ।ମାତୃ ସୁଲଭ ଗୁଣରେ ନିଜେ ଡାକୁଥିବା ' ପାଗଳା' ନାଁ ବି ସବୁଠୁ ସୁନ୍ଦର ନାଁ ବୋଲି ବୋଉ ଭାବୁଥିବା କଥା ସୁଦର୍ଶନ ହୃଦୟଙ୍ଗମ କରି ପାରୁଥିଲା।ସରଳମନା ବୋଉକୁ କିନ୍ତୁ ତା ଦୁଃଖର ଗଭୀରତା ବିଷୟରେ ଅଜଣା ଥିଲା।

ନିଜ ନାଁ ର ସାର୍ଥକତା କୁ ପ୍ରତିପାଦନ କରିବାକୁ ମନେ ମନେ ଚେଷ୍ଟା ଜାରି ରଖିଥିଲା ସୁଦର୍ଶନ। ନିଜ ନାମରେ ଥିବା ବ୍ୟକ୍ତି ବିଶେଷଙ୍କ ଗାରିମା ବିଷୟରେ ଜାଣିବାକୁ ଇଚ୍ଛୁକ ହୋଇଥିଲା। ମାତ୍ର ସେତେବେଳେ ତା ସାମ୍ନାକୁ ସେମିତି କିଛି ଅନାମଧ୍ୟେୟ ବ୍ୟକ୍ତିବିଶେଷଙ୍କ ଛବି ଆସି ନଥିଲା। ସେମିତି କେହି ଜଣେ ମିଳି ଯାଇଥିଲେ ହୁଏତ ତାଙ୍କ ନାଁ ନେଇ ନିଜ ନାଁ ର ସାର୍ଥକତା ଅନ୍ୟ ମାନଙ୍କୁ ଉପଲବ୍ଧି କରାଇବାର ଚେଷ୍ଟା କରିଥାନ୍ତା ! ପିଲାଦିନଟା ଏମିତି ଏମିତି ଅବସୋସରେ କଟିଗଲା।

ଟିକିଏ ବଡ଼ ହେଲା ପରେ ଯଦିଓ ଭାଇ ଭଉଣୀ କିମ୍ବା ନାରଣ ଆଉ ତାକୁ ତା' ନାଁ ନେଇ କିଛି ଟିକା ଟିପ୍ପଣୀ ଦେଉ ନଥିଲେ , ମାତ୍ର ନାଁ କୁ ନେଇ ହୀନମନ୍ୟତା ନିଜ ଭିତରେ ବଳବତ୍ତର ରହିଥିଲା ସୁଦର୍ଶନର।ସ୍କୁଲରେ ସେଇ ନାଁ ଗଡି ଚାଲିଲା ତ ଆଉ ବଦଳାଇବାର ଅବକାଶ ନଥିଲା।

ଛୋଟ ବେଳୁ ଗପ, ଗୀତ ବହି ସବୁ ପଢିବାକୁ ଭଲ ପାଉଥିବା ସୁଦର୍ଶନ ବଡ଼ ହେଲା ପରେ ବି ସେଇ ଭଲପାଇବା କମି ନଥିଲା। ସାହିତ୍ୟ ପ୍ରତି ଖୁବ୍ ରୁଚି ଥିଲା ତା'ର ।ସେଇଟିକୁ ଆଧାର କରି, ନିଜର କିଛି ଲେଖା ଯଦି ପତ୍ରପତ୍ରିକା ଅବା ଦୈନିକ ଖବରକାଗଜରେ ବାହାରନ୍ତା ନିଜ ନାଁ କୁ ଅନ୍ୟମାନଙ୍କ ଆଗରେ ଉପସ୍ଥାପିତ କରିହୁଅନ୍ତା ।ଏଇ ଚିନ୍ତାଧାରା ନେଇ ସେ ଖୁବ୍ ଆଶାବାଦୀ ହୋଇ ପଡିଲା। ତା'ର ଅନେକ ଚେଷ୍ଟା ସତ୍ତ୍ୱେ କାଁ ଭାଁ ଗୋଟିଏ ଦୁଇଟା ଲେଖା ବାହାରିଲା ସିନା ତା'ର ଇଚ୍ଛା ଅନୁଯାୟୀ ଆଶାନୁରୂପକ ସଫଳତା ମିଳିଲା ନାହିଁ। ଅନେକ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକମାନଙ୍କ ମଧ୍ୟରେ ନିଜ ନାଁ ହଜିଗଲା ପ୍ରାୟ। ସେ ବୁଝିଲା ସାହିତ୍ୟ କ୍ଷେତ୍ରରେ ଏତେ ଶୀଘ୍ର ପ୍ରତିଷ୍ଠା ଲାଭ କରିବାକୁ ଆଶାୟୀ ହେବା ସମୀଚୀନ ନୁହେଁ।

ଯେତେବେଳେ ସ୍ମାର୍ଟ ଫୋନ୍ ଯୁଗ ଆସିଲା ଏବଂ ଫେସବୁକ ଆଦି ସୋସିଆଲ ମିଡିଆ ରେ ନିଜକୁ ବିଭିନ୍ନ କ୍ଷେତ୍ରରେ ପରିପ୍ରକାଶ କରିବାର ସୁବିଧା ଉପଲବ୍ଧ ହେଲା, ସୁଦର୍ଶନ ଏଥର ନିଜକୁ ପ୍ରତିପାଦିତ କରିବାକୁ ଆଉଥରେ ଚେଷ୍ଟା କଲା। ଦୁଇ ତିନୋଟି ସାହିତ୍ୟ ଗ୍ରୁପରେ ନିଜ ନାମକୁ ପଂଜିକୃତ କରିନେଲା। ସେସବୁ ଗ୍ରୁପରେ ଅନ୍ୟ ମାନଙ୍କ ଲେଖାକୁ ଲାଇକ୍ କରିବା ସ ?ହିତ ଫେସବୁକରେ ସେମାନଙ୍କୁ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇ ନିଜ ବନ୍ଧୁ ସଂଖ୍ୟା ହଜାର ପାଖାପାଖି କରାଇବାରେ ସଫଳ ହେଲା। ହେଲେ ଅନେକ ଦିନ ଅପେକ୍ଷା କଲାପରେ ମଧ ତା ପୋଷ୍ଟରେ ଅତି ବେଶୀରେ ଦଶ ବାରଟି ଲାଇକ୍ ଏବଂ ନିଜ ବନ୍ଧୁ ମାନଙ୍କ ଭିତରୁ 'ଲେଖା ଭଲ ହୋଇଛି' ବୋଲି ଗୋଟିଏ ଦୁଇଟି ମନ୍ତବ୍ୟ ଆସିଲା। ବ୍ୟତିବ୍ୟସ୍ତ ହୋଇପଡୁଥିଲା ସୁଦର୍ଶନ।

ଏତିକି ବେଳକୁ ତା' ନାଆଁ କୁ ନେଇ ମନ ଭିତରେ ଆହୁରି ଗାଢତର ହୀନମନ୍ୟତା ସୃଷ୍ଟି ହେଲା।ଅନ୍ୟମାନଙ୍କ ଲେଖାରେ ନିଜ ନାଁ ର ଯେମିତି ଅପବ୍ୟବହାର ହୋଇଛି ବୋଲି ଉପଲବ୍ଧି ହେଲା ସୁଦର୍ଶନ । କେହି କେହି ଗାଳ୍ପିକ ତା' ନାଁ କୁ ଘରର ବୋଲକରା ଚାକର ରୂପରେ ଚିତ୍ରଣ କରିଥିଲେ ତ କେହି ମଦୁଆ ରୂପରେ। କେହି ପାଣି ପାଇପ୍ ମିସ୍ତ୍ରୀ ତ କେହି କୁଜିନେତା...!

ଜଣେ ବନ୍ଧୁ ନିଜ ଲେଖାରେ' ସୁଦର୍ଶନ ' ନାମକ ଲୋକକୁ ଟିୟୁସନ କରି ଜୀବିକା ନିର୍ବାହ କରୁଥିବା ଶିକ୍ଷକ ଭାବରେ ଚିତ୍ରଣ କରିଥିଲେ । ଗପଟି ଏମିତି ଥିଲା।

ଉକ୍ତ ଶିକ୍ଷକ ଜଣକ ଟିୟୁସନ କରାଉଥିବା ଜଣେ ଦଶମ ଶ୍ରେଣୀର ଛାତ୍ରୀ ସହ ଅନୈତିକ କାର୍ଯ୍ୟରେ ଲିପ୍ତ ଅଛନ୍ତି।ଫଳ ସ୍ୱରୂପ କିଛି ଦିନ ଉତ୍ତାରୁ ଛାତ୍ରୀ ଜଣକ ଗର୍ଭବତୀ ହୋଇଛି। ସବୁକଥା ଜଣା ପଡ଼ିଯାଇଛି। ଲୋକ ଲୋଚନକୁ ଆସିଲା ବେଳକୁ ଶିକ୍ଷକ ଜଣକ ଏ ଘଟଣାରେ ତାଙ୍କର ସଂପୃକ୍ତି ନାହିଁ ବୋଲି ସଫେଇ ଦିଅନ୍ତି। ହେଲେ ସତକଥା ପଦାକୁ ଆସିଛି। ଲୋକମାନେ ତାଙ୍କ ମୁହଁରେ ଚୂନ କଳା ଲଗାଇ ରାସ୍ତାର ବୁଲାଇଛନ୍ତି।ମାଡ ଦେଇଛନ୍ତି। ଶିକ୍ଷକ ଜେଲ୍ ଦଣ୍ଡ ଭୋଗିଛନ୍ତି। ଏସବୁ ଘଟଣାରେ ଲଜ୍ଜିତ ହୋଇଛନ୍ତି ଶିକ୍ଷକ ଙ୍କ ସ୍ତ୍ରୀ ଏବଂ ଝିଅ। ଏମିତିକି କେଇ ବର୍ଷ ସଜା କାଟି ଘରକୁ ବେଲ୍ ରେ ଆସିଥିବା ସୁଦର୍ଶନଙ୍କ ପାଖରୁ ଝିଅକୁ ନେଇ ପତ୍ନୀ ବାପଘରକୁ ଚାଲିଯାଇଛନ୍ତି।

' ଯେଉଁ ଲୋକ ନିଜ ଝିଅ ବୟସର ଛାତ୍ରୀ ଉପରେ ଲୋଲୁପ ଦୃଷ୍ଟି ପକେଇପାରେ, ସେ ଲୋକ ନିଜ ଝିଅକୁ ବରବାଦ୍ ନକରିଦେବ ବୋଲି କିଛି ମାନେ ଅଛି କି ?' ପତ୍ନୀ ଙ୍କର ଏଇ ଉକ୍ତି ଶୁଣିବା ପରେ ସୁଦର୍ଶନ ଆତ୍ମହତ୍ୟା କରିଦେଇଛନ୍ତି।

ଏଇଠି କାହାଣୀ ସରିଛି ସିନା ,ପାଠକଙ୍କ ମନରେ କିନ୍ତୁ ସୁଦର୍ଶନ ନାମକ ସେ ଲୋକଟିକୁ ପ୍ରଚୁର ଘୃଣା କରିବାକୁ ଗାଳ୍ପିକ ଖୁବ୍ ଚେଷ୍ଟା କରିଛନ୍ତି। ସବୁଠୁ ବଡ଼କଥା ହେଲା ଏଇ ଗଳ୍ପଟିକୁ ଲେଖିଥିବା ବ୍ୟକ୍ତି ଜଣକ ବନ୍ଧୁ ସୁଦର୍ଶନ ମହାପାତ୍ର ଟିୟୁସନ କରନ୍ତି ଜାଣି ମଧ ଏମିତି ଏକ କୁତ୍ସିତ ଚରିତ୍ରରେ ତାଙ୍କର ନାମକୁ ଉପସ୍ଥାପନ କରିଛନ୍ତି। ସୁଦର୍ଶନ ମହାପାତ୍ର ଏଇ ଗଳ୍ପଟି ପଢ଼ି ଖୁବ୍ ମର୍ମାହତ ହେଲା।

ଆହୁରି ଗୋଟିଏ ଘଟଣା ସୁଦର୍ଶନ ଜୀବନରେ ଆସିଥିଲା ଯାହା ତା ମନରେ ଦୁଃଖ ର ପରିଣାମ କୁ କେଇ ଗୁଣା ବଢେଇ ଦେଇଥିଲା। ସୁଦର୍ଶନ ଚରିତ୍ରରେ ଥିବା ଗୋଟିଏ ଲୋକକୁ ତାଙ୍କ ଗଳ୍ପରେ ସ୍ଥାନ ଦେଇଛନ୍ତି ବୋଲି କହିଲେ ଜଣେ ଆତ୍ମୀୟ। ଗଳ୍ପ ଲେଖିଲା ବେଳେ କୁଆଡେ ସୁଦର୍ଶନ ନାମଟି ତାଙ୍କୁ ସର୍ବଶ୍ରେଷ୍ଠ ଲାଗିଲା। ସେଥିପାଇଁ ଭୁଲ୍ ନବୁଝିବାକୁ ଆଗତୁରା କହି ଗଳ୍ପଟିକୁ ନିଜ ଫେସବୁକ ପେଜରେ ପୋଷ୍ଟ କଲେ। କ'ଣ କିଛି କହିହେବ ନିଜ ଠାରୁ ଯଥେଷ୍ଟ ବରିଷ୍ଠ ସମ୍ପର୍କୀୟ ଜଣଙ୍କୁ ଏ ବିଷୟରେ ?

ସୁଦର୍ଶନ ମହାପାତ୍ର ଗଳ୍ପଟିକୁ ପଢିଲା। ଗଳ୍ପଟିରେ ସୁଦର୍ଶନ ନାମକ ଚରିତ୍ରଟି ଜଣେ ଗୋବର ଗଣେଶ ଯାହାକୁ ସ୍ୱାଭିମାନ ଜଣାନଥାଏ। କାହାର ମାନ ଅପମାନର ବିଷକୁ କଣ୍ଠସ୍ଥ କରିଦିଏ ଏବଂ ପୁଣି ତାରି ପାଖରେ ଦାନ୍ତ ନେଫେଡି ହାତ ପାତିଦିଏ କେତେବେଳେ।ଛିଣ୍ଡାଫଟା ସାର୍ଟ ଖଣ୍ଡେ ହେଉ ଅବା ବାସି ଖାଦ୍ୟ ହେଉ, ସବୁକିଛି ଆଦରି ନିଏ ବିନା ଦ୍ୱିଧାରେ।ବୁଦ୍ଧିହୀନ ଚରିତ୍ର ସୁଦର୍ଶନ...!!!

ଗଳ୍ପଟିକୁ ପଢି ସୁଦର୍ଶନ ମହାପାତ୍ର ନିଜକୁ ବିଶ୍ଳେଷଣ କରିବାକୁ ବାଧ୍ୟ ହେଲା।ସତରେ ସେ କ'ଣ ସେମିତି ନାଁ ଆତ୍ମୀୟ ଜଣଙ୍କ ତାକୁ ଜାଣିଶୁଣି ଅପମାନ ଦେବାକୁ ଏମିତି କହି ବୋଲି ଲେଖାଟି ପୋଷ୍ଟ କରି ତା'କୁ ପଢିବାକୁ ବାଧ୍ୟ କରିଛନ୍ତି। ହଁ ମନେ ପଡିଲା ସେଇ ଆତ୍ମୀୟଙ୍କ ଘରେ ଥରେ ପୁଅ ପାଠପଢ଼ା ଆଉ ଚାକିରୀ ଅନ୍ୱେଷଣ ବିଷୟରେ କଥା ହେଲା ଭିତରେ, ଆତ୍ମୀୟ ଜଣଙ୍କ ପୁଅ ପାଇଁ ବାଧକରି ସାର୍ଟ ଖଣ୍ଡେ ଦେଇଥିଲେ।-'ଏଇ ସାର୍ଟ ପିନ୍ଧି ପୁଅ ପରୀକ୍ଷାକୁ ଗଲେ ନିଶ୍ଚୟ ସୁଫଳ ମିଳିବ। ଏଇଟା ଲକି ସାର୍ଟ' ବୋଲି କହିଥିଲେ। ଇଚ୍ଛା ନଥିଲେ ବି ଘରକୁ ଆଣି ଖୋଲିଲା ବେଳକୁ ସେଇଥିରେ ଫୁଟାଟିଏ ଥିଲା ବୋଲି ଜଣା ପଡିଲା। ବୋଧହୁଏ ଆରରନ ଲାଗି ଯାଇଥିଲା..! ସାର୍ଟଟିକୁ ଫୋପାଡ଼ି ଦେଇଥିଲା ସେ ଏବଂ କାଳେ ସମ୍ପର୍କ ଖରାପ ହୋଇଯିବ ଭାବି ସୁଦର୍ଶନ ସେତେବେଳେ ଚୁପ୍ ରହିଥିଲା।

ନିଜ ନାଁ କୁ ନେଇ ଲୋକଙ୍କର ମାନସିକତାକୁ ପରଖିଲା ଭିତରେ ହଠାତ୍ ଦିନେ ସୁଦର୍ଶନର ମନ ଅଳିନ୍ଦ ଭିତରକୁ ପଶି ଆସିଲେ ଦୁଇଟି ନାଁ। ଜଣେ ପ୍ରସିଦ୍ଧ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଏବଂ ଆଉଜଣେ ଆର ଏସ ଏସ ର ମୁଖ୍ୟ କେ.ଏସ୍. ସୁଦର୍ଶନ। ଯେଉଁମାନଙ୍କ ନାଁ ସେ ପିଲାଦିନରୁ ଜାଣି ନଥିଲା। ସେ ଧିରେ ଧିରେ ସକାରାତ୍ମକ ମନୋଭାବ ପୋଷଣ କଲା ଏବଂ ନିଜେ ନାଁ କୁ ସାହିତ୍ୟ ଜଗତରେ ପ୍ରତିଷ୍ଠିତ କରାଇବାକୁ ବଦ୍ଧପରିକର ହେଲା।

ପେପରରେ ତା' ପୁଅ ନାଁ ବାହାରିଛି ବୋଲି ଦିନେ ଜଣେ ବନ୍ଧୁ ଜଣାଇ କଂଗ୍ରାଚୁଲେସନ କଲେ। କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ପତ୍ରପୁର ଗ୍ରାମର ସୁଦର୍ଶନ ମହାପାତ୍ରଙ୍କ ପୁଅ ବିଭୁଦତ୍ତ ମହାପାତ୍ର ଏଥର ଓ.ଏ.ଏସ ଟପ୍ପର ହୋଇଥିବା ଖବର ଟିକୁ ବାରମ୍ବାର ପଢୁଥିଲା ସୁଦର୍ଶନ। 'ଓଏଏସ୍ ଟପ୍ପର' ଶୀର୍ଷକ ଟି ତାକୁ ଯେମିତି ମନ୍ତ୍ରମୁଗ୍ଧ କରୁଥିଲା ନିଜ ନାଁ ବି ସେମିତି ତାକୁ ପୁଲକିତ କରୁଥିଲା।ନିଜ ନାଁ କୁ ସେ ବାରମ୍ବାର ଦେଖୁଥିଲା କିଣି ଆଣିଥିବା ସବୁତକ ସମ୍ବାଦପତ୍ରରେ..!

ସତେ ଯେମିତି ପୁଅ ନୁହେଁ ସେ ନିଜେ ହିଁ କୃତିତ୍ୱ ଅର୍ଜନ କରିପାରିଛି। ପୁଅ ନାଁ ନୁହେଁ,ନିଜ ନାଁ ସୁଦର୍ଶନ କୁ ନିଜେ ବାରମ୍ବାର ଗୁଣୁଗୁଣାଉ ଥିଲା ଭିତରେ ଭିତରେ।ତା' ଆଖିରେ ଲୁହ ଟଳମଳ କରୁଥିଲା। ସେ ବିଭୋର ହୋଇ ପଡୁଥିଲା...!

ଏଇ କିଛି ସମୟ ହେଲା ପୁଅ କୁ ଛାତିରେ ଜଡେଇ ଧରିଥିଲା ବୋଲି ଭୁଲି ଯାଇଥିଲା ସୁଦର୍ଶନ...!!!

*କୁଞ୍ଜବିହାରୀ ଲେନ, କଟକ*
*ମୋ: ୯୪୩୮୧୭୫୫୪୨*

## ଲିଭି ଯାଇଛି ମୋ ଆଶା ପ୍ରଦୀପ

*ଭାସ୍କର ରାଉତ*



ଆଶା ପ୍ରଦୀପ କୁ ଜାଳିଥିଲି ତାକୁ
ଶୁଭ ଶଙ୍ଖ ଧ୍ୱନି କରି
ସେ ପ୍ରଦୀପ ଆଜି ବଇରୀଟେ ସାଜି
ମୂଳକ ଅନ୍ଧାର କରି।
ଆଶା ଦୀପକୁ ଲିଭାଇ,
ଛାତିକୁ ଫୁଲାଇ ଗରବେ ବୁଲଇ
ଦେଖିଲେ ଡର ଲାଗଇ।।
କାରୁଣ୍ୟକୁ ନେଇ ତାରୁଣ୍ୟ ଚାଲଇ
ଆଗକୁ ବଢ଼ିପାରେନା
ଚବିଶି ବରଷ ହୋଇଗଲା ଶେଷ
ଦାଦନ ଏଠୁ ହଟେନା।
ଥିଲା ଯେତେ କାରଖାନା,
ନ ପାରନ୍ତି ଚାଲି ତାଲା ଝୁଲେ ଖାଲି
ଭାଗ୍ୟର କି ବିଡ଼ମ୍ବନା।।
ଜନ୍ମଠୁଁ ମରଣ ବାକିନାହିଁ ଜାଣ
ଯୋଜନାରେ ଭରପୁର
କାଗଜରେ ରହି ଝଲସି ଉଠଇ
ଜନତାଠୁଁ ବହୁଦୂର।
ପକ୍କା ସଡ଼କ ଲୋଡ଼ଇ,
କଚ୍ଚା ରାସ୍ତା ଦେଖି ବୁଜିଦିଏ ଆଖି
ଭାରି ଚତୁର ଅଟଇ।।
ବିକାଶ ନାମରେ ଝୁଣାକୁ ସେ ମାରେ
ମଣିମାଙ୍କ ଖୁସି ପାଇଁ
ରଙ୍ଗ ବଦଳାଇ ଚାଲେ ଖୁସିହୋଇ
ବହୁରୂପୀ ଏଣ୍ଡା ସେହି।
ଭଲକି ଚିହ୍ନରେ ତୁହି,
ଦେଖି ମଉକାକୁ ପକା ପାହାରକୁ
ତା ଅଣ୍ଟା ଭାଙ୍ଗିବା ପାଇଁ।।

## ଛାଇ ନିଦ ବେଳେ ତୁମେ

*ନିରଞ୍ଜନ ସାହୁ*



ଛାଇ ନିଦ ଟିକେ ଲାଗିଲା ବେଳକୁ
ଦିଶିଗଲା ତୁମ ମୁହଁ
ତୁମେ କହୁଥିଲ, ' ଦିନରେ ଶୋଇବା
ଜମାରୁ ଉଚିତ ନୁହଁ । '
ଚାଉଁକିନା ନିଦ ଭାଙ୍ଗିଗଲା ମୋର
ନିଦ ତ ଆସିଲା ନାହିଁ
ତୁମ ଦେଖା ଅବା କେଉଁଠି ମିଳିଲା
କେତେ ଦୂରେ ତୁମେ କାହିଁ
କେଉଁଠାରେ ଅଛ ଦୟାକରି ଆସି
ମୋ ଦେହକୁ ଟିକେ ଛୁଅଁ ।
ମନେପଡୁଥିଲା କେତେକେତେ ସ୍ମୃତି
ହଜିଲା ଅତୀତ କଥା
ତୁମେ ଯଦି ମୋର ପାଶେ ରହିଥାନ୍ତ
ସ୍ୱପ୍ନ ହୋଇଥାନ୍ତା ଯଥା
ଭାବନାରେ ମିଛେ ମୋ ଏରୁଣ୍ଡି ଡେଇଁ
ଚାଲୁଚାଲୁ ମଥା ନୁଅଁ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*

## ଏକା ଏକା

*ପୂର୍ଣ୍ଣଚନ୍ଦ୍ର ବହଳୀ*



ବୁଢାଟିଏ ବସିଛି ଏକା ଏକା
ଦାଣ୍ଡର ଭଙ୍ଗା ଦୁଆର ପାଖରେ
ଚମ ଧୁଡୁଧୁଡୁ
ଆଖି ଦୁଇଟି ଲୁଚିଯାଇଛି କୋରଡ଼ରେ
ସ୍ୱପ୍ନରେ ଖେଳୁଛି ଅତୀତ
ଏଇ ଦୁଆର ପାଖରେ ଗୋଡ଼ତଳେ
ଖେଳୁଥିଲେ ବୁଲୁଥିଲେ ଚାରିପାଖରେ
ଜାଣିଥିଲେ ମାର ଆଶୀର୍ବାଦ କଣ
ଏବେ ସବୁ ଚାଲିଗଲେ
ନିଜ ନିଜ ବାଟରେ
ଝିଅଟିଏ ପତି ପାଇଁ,
ପୁଅଟିଏ ପତ୍ନୀ ପାଇଁ
ଭୁଲିଗଲେ କେହି ଜଣେ ଏଠି ବସିଛି
ଚୁପଚାପ ଆଖିର ଲୁହ ପୋଚୁଛି
ସେ ଏବେ ବି ଖୋଜୁଛି
ଚାହିଁଛି ତାକୁ କେହି ଖୋଜୁ
ଯେମିତି ଖୋଜୁଥିଲେ
କିନ୍ତୁ ତା ବୋଲି କଣ
ସେ ସେମାନଙ୍କୁ
ଅଭିଶାପ ଦେଇପାରିବ
ନା ମନରୁ ଦୂରେଇଦେଇ ପାରିବ
ନା ନିର୍ଦ୍ଦୟ ହୋଇପାରିବ
ସମସ୍ତଙ୍କୁ କ୍ଷମା କରିଦେବ
ଆଶୀର୍ବାଦ ଦେଇ
ଯେଉଁଠି ଥାଅ ଭଲରେ ଥାଅ
ଟଳି ପଡିଲା ପର୍ଯ୍ୟନ୍ତ
ଦାଣ୍ଡର ଭଙ୍ଗା ଦ୍ୱାର ନିକଟରେ ।

*ସମ୍ପାଦକ, ଶିବାନୀ, ଭଦ୍ରକ*

## ହେ ଜଗନ୍ନାଥ

*ଲୋକନାଥ ମହାପାତ୍ର*

ହେ ଜଗନ୍ନାଥ !
ମିଛ-ମାୟା ସଂସାରେ ତୁମେ ହିଁ ସତ୍ୟ
ସବୁ ଅଳିକ ପ୍ରଭୁ ତୁମେ ହିଁ ନିତ୍ୟ
ତୁମେ ପୁରାଣ ପୁରୁଷ ଅନାଦି ଅନନ୍ତ
ହେ ଜଗନ୍ନାଥ !
ମୁଁ ଦୀନହୀନ ତୁମେ ଦୀନବନ୍ଧୁ
ମୁଁ ବିନ୍ଦୁ ଆଉ ତୁମେ କୃପାସିନ୍ଧୁ
ମୁ ? ଅନାଥ ତୁମେ ଜଗତନାଥ
ହେ ଜଗନ୍ନାଥ !
ତୁମେ ଚିରନ୍ତନ ଶାଶ୍ୱତ
ମର୍ତ୍ତ୍ୟଭୁବନେ ତୁମ୍ଭ ନାମ ଅମୃତ
ତୁମ୍ଭ ନାମେ ଜୀବନ ହୁଏ ପବିତ୍ର
ହେ ଜଗନ୍ନାଥ !
ତୁମେ ବର୍ଷା ହେଲେ ମୁଁ ଚାତକ
ଘନ ଅନ୍ଧକାରେ ତୁମେ ଆଲୋକ
ଜାଳି ଦିଅ ହୃଦୟେ ଜ୍ଞାନର ଦୀପ
ହେ ଜଗନ୍ନାଥ !
ପ୍ରଭୁ ତୁମେ ପଥ ମୁଁ ପଥିକ
ମୁଁ ନାବ ତୁମେ ନାବିକ
ଭବସାଗରେ ପ୍ରଭୁ ଦେଖାଅ ପଥ
ହେ ଜଗନ୍ନାଥ !

*ଗୋଲାପଲ୍ଲୀ ସାହି, ବ୍ରହ୍ମପୁର*

## ସ ଞ୍ଚ ୟ

*ଆଦ୍ୟାଶା ମହାପାତ୍ର*



ଭାବନାରେ ଯେବେ ଧର୍ମ ଅଭିପ୍ରେତ
ପାପରାଶି ହୁଏ କ୍ଷୟ
ପ୍ରତିଟି ପ୍ରାଣରେ ଗୁଞ୍ଜରିତ ହୁଏ
ପୂଣ୍ୟ ହିଁ ଶ୍ରେଷ୍ଠ ସଞ୍ଚୟ ।।
ବିଶ୍ୱସ୍ତ ହୋଇଲେ ସଞ୍ଚିବ ବିଶ୍ୱାସ
କୃତଜ୍ଞତାରେ ଭରସା
ଆଶିଷ ସଞ୍ଚିଲେ ଗୁରୁଜନଙ୍କର
ମିଳଇ ଯଥାର୍ଥ ଦିଶା ।।
ଅନ୍ୟର ସଞ୍ଚିତ ଲୁଣ୍ଠିତ ଐଶ୍ୱର୍ଯ୍ୟ
ଲାଗେ ନାହିଁ ପୂଣ୍ୟକର୍ମେ
ସେ ପରା ଆଣଇ ଜୀବନେ ଦୁର୍ଗତି
ତକ୍ଷକ ପରାଏ ଚୁମେ ।।
ସବୁଠୁ ଦୁର୍ଲଭ ଭଲ ପାଇବାକୁ
ଯଦି ସଞ୍ଚ ସରାଗରେ
ଗୁଣିତକ ହୋଇ ବିରାଜେ ଅନ୍ତରେ
ଖୁସି ମିଳେ ଜୀବନରେ ।।
ସଞ୍ଚୟ ନୁହଁଇ କାର୍ପଣ୍ୟର ଭାବ
ଅଟେ ଶୃଙ୍ଖଳା ସଂସ୍କାର
ଗଢଇ ଭବିଷ୍ୟ ମୁଖେ ଫୁଟେ ହସ
ଏ ତ' ବିଜ୍ଞର ବିଚାର ।।
ବାଲ୍ୟକାଳୁ ଧର୍ମ-ଧନ ସଞ୍ଚୟରେ
ମିଳେ ଦିବ୍ୟ ଅନୁଭୂତି
ନଶ୍ୱର ସଂସାରେ ବିଭୁ କରୁଣାରେ
ମିଳେ ଅପ୍ରମିତ ଶାନ୍ତି ।।

*ନୂଆପଡା, କଟକ*

## ତାତି ଲହର

*ସୁଧାକର ରାଉତ*



ଟାଇଁ ଟାଇଁ ଖରା ସହି ସହି ଏବେ
ଜୀବନ ପଡ଼ିଛି ଥକି
ତତଲା କଢେଇ ଛଟ ପଟ କରେ
ଆଉ ବା କି ଅଛି ବାକି ।
ରାତିର ଶୀତଳତା ର ପ୍ରତୀକ୍ଷା ଟା
ଅକାରଣ ଯାହା ହୁଏ
ଆପଣା ପାଦରେ ମାରିଛେ କୁରାଢି
ଉଦ୍ଧରିବା ଅବା କିଏ ?
ସାମାନ୍ୟ ସୁଖ ସ୍ୱାଛନ୍ଦ ଲାଳସାରେ
ଅନେକ ସମସ୍ୟା ସୃଷ୍ଟି
ଏବ୍ରେ ଡହଳ ବିକଳ ହେଲେ ଯେତେ
କାହିଁ ସମାଧାନ ଯଷ୍ଟି ।
ତାତିର ଲହର ହୋଇ ଅସମ୍ଭାଳ
ଦେଉଛି ଥରାଇ ଛାତି
ପ୍ରଳୟ ପ୍ରାକ୍ ସୂଚନା ଏହା ଭାବି
ମନେ ଭରି ଯାଏ ଭୀତି ।
ପଶୁ ପକ୍ଷୀ ଆଉ ଉଦ୍ଭିଦ ଜଗତ
ପ୍ରକୃତି ସହିତ ଯୁଝି
ବୋଧ ହୁଏ ଯେହ୍ନେ ପଡିଲେଣି ଥକି
ଅକ୍ଷମତା ନିଜ ବୁଝି ।
ବିଶ୍ୱ ତାପନର ଭୟଙ୍କର ରୂପ
ଏବେଠୁ ଭାବନା ଗ୍ରାସେ
ଦାମ୍ଭିକତା ପଣେ ହେୟ ଜ୍ଞାନ କଲେ
ଧ୍ୱଂସ ହେବା ସର୍ବେ ଶେଷେ ।
ଜଳ ବାୟୁ ପରିବର୍ତ୍ତନ କାରଣ
ନିଜ ମଧ୍ୟେ ନିଜେ ଖୋଜି
ବୃକ୍ଷ ରୋପଣ କୁ ପ୍ରାଧାନ୍ୟ ଦେବାଟି
ସବୁଜ ବଳୟ ସୃଜି ।

*ପ୍ରତାପ ନଗରୀ, କଟକ*

## ଅଭିଳାଷା ନୂଆବର୍ଷରେ

*ରତ୍ନକାନ୍ତି ମିଶ୍ର*



ଆଜି ହେଲେ ଘନିଷ୍ଠ ବନ୍ଧୁଙ୍କୁ
ପ୍ରତୀକ୍ଷା କରାଯାଉ
ଆତ୍ମୀୟତାର ସତ୍ତା ଖୋଜାଯାଉ
ତୁମେ ହତାଶାରେ ଭିଜୁଥିବା ବେଳେ
କାଳେ ସେ ପିନ୍ଧେଇଦେବ
ଭରସାର ନିର୍ମୋକଟିଏ
ଆଜିର ଖବରକାଗଜକୁ ନପଢି
ଫୋପଡା ଯାଉ
କାଳେ ଆସନ୍ତାକାଲିର ଖବରରେ
ଆଦୌ ଦୃଷ୍ଟିଗୋଚର ହେବନି
ହତ୍ୟା, ଧର୍ଷଣ, ଚୋରି,ବଧୂ ନିର୍ଯାତନା
ଅବା ଦୁର୍ଘଟଣାର ଶିରୋନାମା ଟିଏ
ଧୂସର ଇଲାକାରେ
ହା ହୁତାଶରେ ବଞ୍ଚୁଥିବା
ବର୍ଣ୍ଣିଳ ସ୍ୱପ୍ନଟିଏ ଦେଖାଯାଉ
ଏତିକି ହିଁ ଆଶା ନେଇ
କାଳେ ଅଙ୍କୁରିତ ହେବ ସେଠି
ନୂତନ କିଶଳୟ ଟିଏ
ବିଛାଇ ହୋଇ ପଡିଥିବା
ଅସଜଡା ଶବ୍ଦ ସବୁକୁ
ସାଇତି ରଖାଯାଉ
କେଉଁ ନିରୋଳା ମୁହୂର୍ତ୍ତରେ
ଉତୁରି ଉଠିବ କାଳେ
ତାତ୍ତ୍ୱିକ କବିତା ଟିଏ ।।
ଦିନାନ୍ତ ସୂର୍ଯ୍ୟ କୁ
ବିଦାୟ ଦିଆଯାଉ
ନିର୍ବାକ ନିଶୀଥର ବନ୍ଧନ କାଟି
କାଳେ ଦିଗନ୍ତ ସେପଟୁ
ନୂଆ ସକାଳରେ ଉଇଁବ
ସ୍ୱର୍ଣ୍ଣିମ ସୂର୍ଯ୍ୟୋଦୟ ଟିଏ ।।

*ଆଳି, କେନ୍ଦ୍ରାପଡା*

## ତ୍ରାହି ମାଆ

*ଗଙ୍ଗାଧର ସାହୁ*

କେତେଦିନ ଆଉ ଏପରି ଚାଲିବ
ତ୍ରାହିତ୍ରାହି ଡାକେ ଧରା
କେତେଦିନେ ଆଉ ଧରାବତରଣ
କରିବୁ ତୁ ମାଆ ପରା ?
ଗୋଟିଏ ମହିଷା ନିଧନ କରି ତୁ
କେଉଁଠି ରହିଲୁ ଯାଇ
କୋଟିକୋଟି ଏବେ ମହିଷା ମାତିଲେ
ତୋ ପରି ଜନନୀ ଥାଇ
ଚଣ୍ଡମୁଣ୍ଡ , ଶୁମ୍ଭନିଶୁମ୍ଭ ଏଇନେ
ଧରାକୁ ମଣନ୍ତି ସରା ।
ଗୋଟିଏ ରାବଣ ଗୋଟିଏ ସୀତାକୁ
ବଣରୁ ତ ନେଲା ହରି
ଗୋଟିଏ ଶ୍ରୀରାମ ଦୁଃଖ ବୁଝିଲୁ ତୁ
ଆଣିଲେ ଉଦ୍ଧାର କରି
ଏଇନେ ଅସଂଖ୍ୟ ରାବଣ ଉତ୍ପାତ
ସୀତାମାନେ ଦରମରା ।
ଦ୍ୱାପରେ ଯଶୋଦା ଗର୍ଭ ଜନମିଲୁ
କଂସର ହାତରୁ ଖସି
କହିଥିଲୁ ତୋତେ ଯିଏସେ ମାରିବ
ଗୋପରେ ବଢୁଛି ହସି
କେବେ ତୁ କରିବୁ ଧର୍ମ ସଂସ୍ଥାପନ
ସୃଷ୍ଟି ହେବ ଶାନ୍ତି ଭରା ।

*ବେଣୀପୁର, ନିମାପଡ଼ା*
*ପୁରୀ*

## ସମକାଳୀନ ଓଡ଼ିଆ ସାହିତ୍ୟ ଓ କଥାଶିଳ୍ପୀ ମନୋଜ ଦାସ : କିଛି ଅନୁଭବ

**ମାନସ ରଞ୍ଜନ ମହାପାତ୍ର**

ସମକାଳୀନ ଓଡ଼ିଆ ସାହିତ୍ୟକୁ ଦୁଇ ଜଣ ଲେଖକ ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇ ପାରିଛନ୍ତି। ଜଣେ କଥାଶିଳ୍ପୀ ମନୋଜ ଦାସ , ଅନ୍ୟ ଜଣେ କବି ଜୟନ୍ତ ମହାପାତ୍ର। ଓଡ଼ିଆ କ୍ଷୁଦ୍ରଗଳ୍ପକୁ ନେଇ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇ ପାରିଛନ୍ତି ମନୋଜ ଦାସ। ମନୀଷା ଓ ବୈଚାରିକ ଦୃଷ୍ଟିରୁ ତାଙ୍କର କ୍ଷୁଦ୍ରଗଳ୍ପ ଗୁଡ଼ିକ ଅନନ୍ୟ।ସମ୍ବେଦନ ବିଭବ ଓ ହୃଦୟାବେଗ ମାଧ୍ୟମରେ ସେ ଯେଉଁ ରସ ସୃଷ୍ଟି କରିଥାନ୍ତି, ତାହା ପାଠକକୁ ଭିନ୍ନ ଏକ ଜଗତକୁ ନେଇଯାଏ।ଓଡ଼ିଶାର ଗଳ୍ପ ପରମ୍ପରା ପ୍ରାଚୀନ।ସପ୍ତଦଶ ଶତାବ୍ଦୀର ଶେଷ ଭାଗଠାରୁ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ 'ଗଳ୍ପ ସାଗର ' ଭାବେ ଆଖ୍ୟାତ କଥକମାନେ ବୁଲି ବୁଲି କାହାଣୀ କହୁଥିଲେ। ସେହି ପରମ୍ପରା କୁ ଆଧାର କରି ଯୁଗସ୍ରଷ୍ଟା ଫକୀର ମୋହନ ଯେଉଁ କଥା ଶିଳ୍ପର ମହଲ ତିଆରି କଲେ ତାହାର ବୌ।ଦ୍ଧିକ ଉତ୍ତରାଧିକାରୀ ହେଉଛନ୍ତି କଥାଶିଳ୍ପୀ ମନୋଜ ଦାସ।ପ୍ରଫେସର ମନୋଜ ଦାସଙ୍କ ଦେହାବସାନକୁ ଚାହୁଁ ଚାହୁଁ ବର୍ଷ ? ବିତିଗଲା । ଏଯାବତ୍ ମୁଁ ଭେଟିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ମନୋଜ ଦାସ ହେଉଛନ୍ତି ଜାତୀୟ ସ୍ତରରେ ପ୍ରସିଦ୍ଧ ସର୍ବଶ୍ରେଷ୍ଠ ଓଡ଼ିଆ ଲେଖକ । ଏହି ଋଷିପ୍ରାଣ ଲେଖକଙ୍କ ସହ ମୋର ଦୀର୍ଘ ଚାରି ଦଶନ୍ଧି ଧରି ସମ୍ପୃକ୍ତି ଥିଲା । ତାଙ୍କ ସମ୍ବନ୍ଧିତ ଦୁଇଟି ରୋଚକ ଘଟଣା ମୁଁ ଏଠାରେ ମନୋଜପ୍ରେମୀ ପାଠକଙ୍କୁ ଜଣାଇବାକୁ ଚାହୁଁଛି ।

- "ପ୍ରଫେସର ମନୋଜ ଦାସଙ୍କ ପାଇଁ ଆପଣ ସ୍ୱତନ୍ତ୍ର ଭାବେ ଚିଠିଟିଏ ଲେଖିବା ଉଚିତ ଥିଲା," ବିଭାଗୀୟ ସଚିବ ମୋତେ କହିଲେ ।

- "କାହିଁକି ?" ମୁଁ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲି ।

- "ଅନ୍ୟ ଅତିଥି ଜଣକ ଜଣେ ସରକାରୀ ଅଧିକାରୀ । ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରିତ ହୋଇ ଆସିଲେ ତାଙ୍କୁ ରାଜ୍ୟ ଅତିଥି ଘୋଷଣା କରାଯାଇପାରିବ । କିନ୍ତୁ ପ୍ରଫେସର ମନୋଜ ଦାସ ହେଉଛନ୍ତି ରାଜ୍ୟ ବାହାରେ ରହୁଥିବା ଜଣେ ଋଷି-ସାହିତ୍ୟିକ । ଏଭଳି ମହାନ ବ୍ୟକ୍ତିମାନଙ୍କୁ ଆମେ ସେମାନଙ୍କର ବ୍ୟକ୍ତିଗତ ପ୍ରତିଷ୍ଠା ଭିତ୍ତିରେ ସମ୍ମାନ ଦେଇଥାଉ, ସରକାରୀ ମର୍ଯ୍ୟାଦା ଯୋଗୁଁ ନୁହେଁ," ସେ ଉତ୍ତର ଦେଲେ ।

ମୁଁ ଆଉଗୋଟିଏ ଚିଠି ଲେଖିଲି, ପ୍ରଫେସର ମନୋଜ ଦାସଙ୍କ ପାଇଁ । ଠିକ ସମାନ ଘଟଣା ଘଟିଥିଲା ଜମ୍ମୁ-କଶ୍ମୀରରେ, ୨୦୧୪ ମସିହାରେ । ସେଠାରେ ଅନୁଷ୍ଠିତ ହେବାକୁ ଥିବା ପୁସ୍ତକ ମେଳାର ମୁଖ୍ୟ ଅତିଥି ଥିଲେ ପ୍ରଫେସର ମନୋଜ ଦାସ, ତେବେ ଶ୍ରୀଅରବିନ୍ଦ ଆଶ୍ରମରେ ସେହିଦିନ ଅନ୍ୟକିଛି କାର୍ଯ୍ୟକ୍ରମ ଥିବା ହେତୁ ସେ ଆସିବା ପାଇଁ ମନା କରିଦେଇଥିଲେ । ଫଳତଃ ପୁସ୍ତକ ମେଳାର ଉଦଘାଟନ କରିଥିଲେ ଜମ୍ମୁ-କଶ୍ମୀରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା । ମେଳାର ଚତୁର୍ଥ ଦିନରେ ହେବାକୁ ଥିବା 'ଲେଖକଙ୍କୁ ଭେଟନ୍ତୁ' କାର୍ଯ୍ୟକ୍ରମରେ ଯୋଗଦେବାକୁ ପ୍ରଫେସର ମନୋଜ ଦାସ ସମ୍ମତି ପ୍ରଦାନ କରିଥିଲେ । ତେବେ ଏନବିଟି ଅଧ୍ୟକ୍ଷ ଏବଂ ପ୍ରଫେସର ମନୋଜ ଦାସଙ୍କୁ ରାଜ୍ୟ ଅତିଥି ମାନ୍ୟତା ଦେବା ଅନୁରୋଧକୁ ରାଜ୍ୟ ସରକାର ପ୍ରତ୍ୟାଖ୍ୟାନ କରିଦେଲେ । ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲାଙ୍କ ସହ ମୋର ପୂର୍ବରୁ ପରିଚୟ ଥିଲା, ତେଣୁ ରାଜ୍ୟ ସଚିବାଳୟକୁ ଯାଇ ମୁଁ ତାଙ୍କୁ ଭେଟିଲି ।

- "ମିଷ୍ଟର ମହାପାତ୍ର, ଆପଣ ଗୋଟିଏ ବଡ଼ ଭୁଲ୍ କରିଦେଇଛନ୍ତି", ମୁଖ୍ୟମନ୍ତ୍ରୀ କହିଲେ ।

- "କ'ଣ ?"

- "ଆପଣ ଦୁଇଟିଯାକ ନାଁ ଗୋଟିଏ ଚିଠିରେ ଏକାଠି ଲେଖିବାର ନଥିଲା । ଆମ ପାଇଁ ଏନବିଟି ଅଧ୍ୟକ୍ଷ ଜଣେ ସରକାରୀ ଅଧିକାରୀ । କିନ୍ତୁ ପ୍ରଫେସର ମନୋଜ ଦାସ ଜଣେ ପ୍ରଖ୍ୟାତ ଲେଖକ, ସରକାରୀ ଅଧିକାରୀ ନୁହନ୍ତି । ଗତ ଅନେକବର୍ଷ ଧରି ମୁଁ ତାଙ୍କ ଲେଖା ପଢ଼ିଆସୁଛି । ଆମ ପାଇଁ ସେ ଜଣେ ସମ୍ମାନାସ୍ପଦ ଅତିଥି ।" ମୁଖ୍ୟମନ୍ତ୍ରୀ ଉତ୍ତର ଦେଲେ । ଏହାପରେ ସେ ବିଭାଗୀୟ ଅଧିକାରୀଙ୍କୁ ଡାକି ପ୍ରଫେସର ମନୋଜ ଦାସଙ୍କୁ ରାଜ୍ୟ ଅତିଥି ମାନ୍ୟତା ଦେବା ନିମନ୍ତେ ନିର୍ଦ୍ଦେଶ ଦେଲେ ।

ମୁଁ ଜାଣିନଥିଲି ଯେ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ପ୍ରଫେସର ମନୋଜ ଦାସ ଏବଂ ତାଙ୍କ ରାଜ୍ୟରେ ହେବାକୁ ଥିବା ତାଙ୍କର କାର୍ଯ୍ୟକ୍ରମ ବିଷୟରେ ବିଶଦ ତଥ୍ୟ ରଖିଛନ୍ତି ବୋଲି । ମୁଁ ଆଶ୍ଚର୍ଯ୍ୟ ହେଲି ଯେଉଁଦିନ ପ୍ରଫେସର ଦାସଙ୍କ କାର୍ଯ୍ୟକ୍ରମ ଥିଲା, ସେଦିନ କୌଣସି ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ବିନା ଉମର ଅବଦୁଲ୍ଲା ପୁସ୍ତକ ମେଳାରେ ପହଞ୍ଚିଥିଲେ ଏବଂ ନିରବରେ ଏକାଗ୍ରଭାବେ ତାଙ୍କ ଭାଷଣ ଶୁଣିଥିଲେ ।ମନୋଜ ଦାସଙ୍କ ମହାପ୍ରୟାଣରେ ଓଡ଼ିଆ ସାହିତ୍ୟ, ସମାଜ ଓ ସଂସ୍କୃତି ଯାହା ହରାଇଲା, ତାହା ଆଗାମୀ ବହୁ ବର୍ଷ ପର୍ଯ୍ୟନ୍ତ ପୂରଣ ହେବା ସମ୍ଭବ ନୁହେଁ ।ମୋର ସୈ ।ଭାଗ୍ୟ ଯେ ପଣ୍ଡିଚେରୀ, ଦିଲ୍ଲୀ , ସିଙ୍ଗାପୁର , କଲିକତା, ପୁରୀ , ଭୁବନେଶ୍ୱର,କଟକ , ଶ୍ରୀନଗର ଆଦି ସ୍ଥାନମାନଙ୍କରେ ତାଙ୍କ ସହ ଅନ୍ତରଙ୍ଗ ଭାବେ ମିଶିବା , ମତ ବିନିମୟ କରିବା ଏବଂ ତାଙ୍କ ଗଳ୍ପ ସଙ୍କଳନ ତଥା ଶିଶୁ ସାହିତ୍ୟର ପାଠ ସମ୍ପାଦନା କରିବାର ସୁଯୋଗ ମତେ ମିଳିଛି। କିଛି ବିରକ୍ତି ରହିଛି, କିନ୍ତୁ ମିଳିଥିବା ଆନନ୍ଦ ଏତେ ଅପରିସୀମ ଯେ ତା ' ସାମ୍ନାରେ ପାଇଥିବା ବିରକ୍ତି କିଛି ବି ନୁହେଁ ।




# ପୋଷ୍ଟର ଯୁଦ୍ଧ : କଦର୍ଯ୍ୟ ହେଉଛି କାନ୍ଥ ବାଡ଼

**ପୌର** ନିର୍ବାଚନ ପରିପ୍ରେକ୍ଷୀରେ ରାଜନୈତିକ ଦଳମାନଙ୍କର ପୋଷ୍ଟର ଯୁଦ୍ଧ ଏବେ ସାଧାରଣ ଲୋକଙ୍କର ମୁଣ୍ଡବିନ୍ଧାର କାରଣ ହେଉଛି। ରାତାରାତି ଲୋକଙ୍କ ଘରର ପାଚେରୀ, କାନ୍ଥବାଡ଼ ଆଦିରେ ଏମାନେ ନିଜ ନିଜ ପ୍ରାର୍ଥୀଙ୍କର ପୋଷ୍ଟର ମାରି ତାହାକୁ ରଙ୍ଗ ବେରଙ୍ଗ କରିଦେଉଛନ୍ତି। କେତେକ ସ୍ଥାନରେ ଲୋକେ ବାରଣ କଲେ ବି ତାହାକୁ ମାନୁନାହାନ୍ତି। ସମଗ୍ର ରାଜ୍ୟରେ ଏବେ ଚାଲିଛି ପୌର ନିର୍ବାଚନ। ଭୋଟରମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ମନମତାଣିଆ ଗୀତ ସାଙ୍ଗକୁ ରଙ୍ଗ ବେରଙ୍ଗର ପୋଷ୍ଟର ତିଆରି କରିଛନ୍ତି। ଗୀତ ବାଜୁଥିବା ଗାଡ଼ିଗୁଡ଼ିକ ବିଭିନ୍ନ ସାହି ଗଳି ବୁଲୁଥିବା ବେଳେ ପୋଷ୍ଟର ଉପରେ କିନ୍ତୁ ପ୍ରାର୍ଥୀମାନେ ଜୋର ଦେଉଛନ୍ତି। ବିଭିନ୍ନ ସ୍ଥାନରେ ଫ୍ଲେକ୍ସ ଟାଣିବା ଅପେକ୍ଷା କାନ୍ଥବାଡ଼, ଗଛ, ବିଦ୍ୟୁତଖୁଣ୍ଟ, ପାଚେରୀ ଆଦିରେ କାଗଜ ପୋଷ୍ଟର ମାରିବା ଉପରେ ଜୋର ଦେଉଛନ୍ତି।

ରାଜ୍ୟର ତିନି ପ୍ରମୁଖ ଦଳ ଏବେ ଲକ୍ଷାଧିକ ପୋଷ୍ଟର ପ୍ରସ୍ତୁତ ସହିତ ତାହାକୁ ଲଗାଇବା ପାଇଁ ଶ୍ରମିକମାନଙ୍କୁ ନିୟୋଜିତ କରି ଦେଉଛନ୍ତି। ପୋଷ୍ଟର ପିଛା ପଇସା ଧାର୍ଯ୍ୟ କରି ଅଠା ଓ ପୋଷ୍ଟର ସେମାନଙ୍କୁ ଧରାଇବା ସହିତ ଇଲାକା ଚିହ୍ନଟ କରିଦେଉଛନ୍ତି। ତେଣୁ ପଇସା ପାଉଥିବା ଏହି ଶ୍ରମିକମାନେ ରାତିବେଳା ପୋଷ୍ଟର ମାରିବାକୁ ଉଚିତ ମଣୁଛନ୍ତି। କାରଣ ଦିନବେଳା ପୋଷ୍ଟର ମାରିଲେ ଅନେକ ସ୍ଥାନରେ ଲୋକେ ତାହାକୁ ବିରୋଧ କରୁଛନ୍ତି। ଯଦି ପୋଷ୍ଟର କମ୍ ମରାହେବ ତେବେ ଶ୍ରମିକମାନେ ଚୁକ୍ତି ମୁତାବକ ପଇସା ପାଇବେ ନାହିଁ। ତେଣୁ ସେମାନେ ଏବେ ବିଳମ୍ବିତ ରାତିରେ ପୋଷ୍ଟରମରା କାର୍ଯ୍ୟ କରୁଛନ୍ତି। ସାଧାରଣ ଲୋକଙ୍କ ଘରର କାନ୍ଥଠାରୁ ଆରମ୍ଭ କରି ଗଛ ଓ ବିଦ୍ୟୁତଖୁଣ୍ଟ କାହାକୁ ଛାଡୁନାହାନ୍ତି। ତେବେ ସବୁଠାରୁ ଅଧିକ ପୋଷ୍ଟର ବ୍ୟବହାର ହେଉଛି ବିଭିନ୍ନ ବସ୍ତି ନିକଟରେ ଥିବା ସରକାରୀ କ୍ୱାର୍ଟସର ପାଚେରୀରେ। ଆର୍ଥିକ ବର୍ଷ ଶେଷ ଯୋଗୁଁ ବିଭିନ୍ନ ସ୍ଥାନରେ ପାଚେରୀଗୁଡ଼ିକ ନୂଆ ରଙ୍ଗ ହୋଇଛି। ହେଲେ ରାତି ପାହିଲା ବେଳକୁ ତାହା ବିଭିନ୍ନ ଦଳର ପୋଷ୍ଟରରେ ରଙ୍ଗେଇ ହୋଇଯାଉଛି। ଗୋଟିଏ ଦଳ ଯଦି କୌଣସିଠାରେ ପୋଷ୍ଟରଟିଏ ମାରି ଦେଉଛି ତେବେ ଅନ୍ୟ ଦଳମାନେ ସେଠାରେ ପ୍ରତିଯୋଗିତା ଭିତ୍ତିରେ ଅଧିକ ପୋଷ୍ଟର ମାରୁଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ କେତେକ ସ୍ଥାନରେ କାନ୍ଥ ବାଡ଼ ସବୁ ପୋଷ୍ଟର ପଛପଟେ ଲୁଚି ଗଲେଣି। ଲୋକେ ଏହାର ପ୍ରତିବାଦ କଲେ କେହି ଶୁଣିବାକୁ ବି ନାହିଁ। ବିଳମ୍ବିତ ରାତିରେ ପୋଷ୍ଟର ମରାଯାଉଥିବାରୁ ଅଧିକାଂଶ ଏହାକୁ ବିରୋଧ ବି କରିପାରୁନାହାନ୍ତି। ତେଣୁ ଯେଉଁସବୁ ସ୍ଥାନରେ ଏଭଳି ମାଳ ମାଳ ପୋଷ୍ଟର ମାରି କାନ୍ଥବାଡ଼କୁ କଦର୍ଯ୍ୟ କରାଯାଉଛି ଭୋଟ ସରିଲା ପରେ ସେହିସବୁ ପୋଷ୍ଟରକୁ ସଂପୃକ୍ତ ପ୍ରାର୍ଥୀମାନେ କାଢ଼ି ନେବା ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେବା ଉଚିତ ବୋଲି ମତ ପ୍ରକାଶ ପାଉଛି। ତେବେ ଯେଉଁଭଳି ଭାବେ ଅଠା ଦ୍ୱାରା କାଗଜ ପୋଷ୍ଟରକୁ କାନ୍ଥରେ ଲଗାଯାଉଛି ବର୍ଷାଋତୁ ପୂର୍ବରୁ ତାହା ସହଜରେ ଛାଡ଼ିବ ନାହିଁ ବୋଲି ଅନେକ ମତ ଦେଉଛନ୍ତି।

# ଯୁଦ୍ଧ ଚାହୁଁନା ଶାନ୍ତି ଚାହୁଁ – ଜିଲ୍ଲା ବିକାଶ ସାମ୍ମୁଖ୍ୟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ସାଂପ୍ରତିକ ଋଷ ଏବଂ ୟୁକ୍ରେନ୍ ଯୁଦ୍ଧର ଭୟାବହତା ଓ ସମଗ୍ର ବିଶ୍ୱ ଉପରେ ଏହାର ପ୍ରଭାବ ଉପରେ ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଭାପତି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ନାଟୋ, ଶିଆଟୋ, ଫ୍ଲାଟୋ ଏବଂ ୱାସପ୍ୟାକ ଭଳି ସାମରିକ ସଂଗଠନ ମାଧ୍ୟମରେ ଶୀତଳଯୁଦ୍ଧ ଚାଲୁ ରହିଥିଲା। ଭାରତ ଗୋଷ୍ଠି ନିରପେକ୍ଷ ନୀତି ଅବଲମ୍ବନ କରି ଉଭୟ ସାମରିକ ଶକ୍ତିଠାରୁ ଦୂରତ୍ୱ ରକ୍ଷା କରି ଚାଲିଛି। ୟୁକ୍ରେନ୍ ନାଟୋର ସଦସ୍ୟତା ଗ୍ରହଣକୁ ବିରୋଧ କରି ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ କଲେ। ଯୁଦ୍ଧର ୧୫ ଦିନ ପରେ ନାଟୋ ଶକ୍ତି ବାହାରୁ ଦେଖଣାହାରୀ ସାଜି କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ଫଳରେ ପୁଟିନ୍ ୟୁକ୍ରେନକୁ ନାଟୋ ଶକ୍ତିର ପରିସରଭୁକ୍ତ ନ ହେବା ପାଇଁ ଯୁଦ୍ଧ ଚାଲୁ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ସମଗ୍ର ବିଶ୍ୱର କୋଣ ଅନୁକୋଣରୁ ଯୁଦ୍ଧର ଅବସାନ ପାଇଁ ଚାପ ପ୍ରୟୋଗ ହେଉଛି। ଏହି ଆଲୋଚନାଚକ୍ରରେ ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ବୈଷ୍ଣବ ଚରଣ ସ୍ୱାଇଁ, ଭାଗିରଥି ଜେନା, ଅମୀୟ କୁମାର ନାୟକ, ନେତ୍ରାନନ୍ଦ କର, ଶ୍ରୀନିବାସ ପରିଡା, ମଧୁସୁଦନ ରାଉତ, ମଧୁସୁଦନ ବାରିକ, ବସନ୍ତ ସାହୁ ଓ ସୁରେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରି ତୁରନ୍ତ ଯୁଦ୍ଧ ବିରତି ଘୋଷଣା କରି ଶାନ୍ତି ପ୍ରତିଷ୍ଠା କରିବା ପାଇଁ ନିବେଦନ କରିଛନ୍ତି।

# ଶୁଦ୍ଧାନନ୍ଦ କଲେଜରେ ମହିଳା ଦିବସ ପାଳିତ



ଫୁଲନଖରା (ପିଏନ୍)–ସ୍ଥାନୀୟ ଶୁଦ୍ଧାନନ୍ଦ କଲେଜରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ କଲେଜ ସଭାଗୃହରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପ୍ରୋଗ୍ରାମ ଅଫିସର ଡଃ.ନିବେଦିତା ଆଚାର୍ଯ୍ୟ ମୁଖ୍ୟ ଅତିଥିରୂପେ ଯୋଗଦେଇ ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରଥମେ ପୁରୁଷମାନେ ଅବଗତ ହେବା ଦରକାରବୋଲି ମତପୋଷଣ କରିଥିଲେ। ଜଣେ ମହିଳା ଚାହିଁଲେ ଯେ କୌଣସି ଅସାଧ୍ୟକୁ ସମ୍ମୁଖିନ ହେବାକୁ ସମର୍ଥବୋଲି ସେ ତାଙ୍କ ଅଭିଭାଷଣରେ ବର୍ଣ୍ଣନା କରିଥିଲେ। କଟକ ପୁଲିସ ମହିଳା ଓ ଶିଶୁ ଡେସ୍କ ଆଇଆଇସି ଟେରେସ୍କୋଭା ମହାପାତ୍ର ମୁଖ୍ୟ ବକ୍ତାଭାବେ ମଞ୍ଚାସୀନ ହୋଇ ନାରୀଙ୍କୁ ସେମାନଙ୍କ ହକ ଓ ସମ୍ମାନ ଯେ ପର୍ଯ୍ୟନ୍ତ ଉପଯୁକ୍ତଭାବେ ନମିଳିଛି ସେ ପର୍ଯ୍ୟନ୍ତ ଏକ ସୁସ୍ଥ ସମାଜ ସ୍ୱପ୍ନ ଅପୂରଣୀୟ ହୋଇ ରହିବବୋଲି କହିଥିଲେ। ଡିନ ପ୍ରଫେସର ରଂଜନକୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ପରିଚାଳନା ନିର୍ଦ୍ଦେଶକ ଇଂ.ସୁନିଲକୁମାର ପଟ୍ଟନାୟକ ଉଦଘାଟକଭାବେ ଯୋଗଦେଇ ନାରୀ ଓ ପୁରୁଷ ସମାନ ଏବଂ ଏ ଜାତିର ଐତିହ୍ୟ ଓ ପରମ୍ପରା ଅକ୍ଷୁଣ୍ଣ ରଖି ଆଗକୁ ଅଗ୍ରସର ହେବାକୁ ସେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିଗଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡଃ.ଅନିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସ୍ୱସ୍ତିକା ପ୍ରିୟଦର୍ଶିନୀ, ଜୟଶ୍ରୀ ଭୋଇ, ଶ୍ରଦ୍ଧାଳି ଦାଶ, ତପସ୍ୱିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ସରିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନମନ୍ତ୍ରୀ ଜନଔଷଧି ସପ୍ତାହ ପାଳିତ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ପ୍ରଧାନମନ୍ତ୍ରୀ ଜନଔଷଧି ସପ୍ତାହ ପାଳନ କରାଯାଉଥିବା ଅବସରରେ ଚଳିତ ବର୍ଷ ଭୁବନେଶ୍ୱର ପୋଖରୀପୁଟ ଓ ପାଣ୍ଡରାଠାରେ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରରେ ଏହି ସପ୍ତାହ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାଧାରଣ ଲୋକମାନଙ୍କ ପାଇଁ ସୁଲଭ ମୂଲ୍ୟରେ ଔଷଧ ବଣ୍ଟନ, ମାସ୍କ, ସାନିଟାରୀ ବୋତଲ ତଥା ମହିଳାମାନଙ୍କୁ ସାନିଟାରୀ ନାପକିନ ପ୍ରଦାନ କରାଯାଇଥିଲା। ଏହା ସହିତ ଇଚ୍ଛୁକ ବ୍ୟକ୍ତିମାନଙ୍କ ରକ୍ତଚାପ, ରକ୍ତସର୍କରା, ଶରୀରରେ ଅମ୍ଳଜାନ ସ୍ତର, ମାପିବାର ନିଃଶୁଳ୍କ ବ୍ୟବସ୍ଥା ଉକ୍ତ ସଂଗଠନ ପକ୍ଷରୁ ସଫଳ ଭାବେ ଆୟୋଜିତ ହୋଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ଉଚ୍ଚ ଶିକ୍ଷିତା ତଥା ସାରସ୍ୱତ ପ୍ରତିଭାର ଅଧିକାରିଣୀ ଯୁବ ଉଦ୍ୟୋଗୀ ଅର୍ଚ୍ଚନା ଏବଂ ଯୁବ ଯନ୍ତ୍ରୀ ପାର୍ଥସାରଥୀ ପୂର୍ବରୁ ବହୁ ଜନକଲ୍ୟାଣ ଓ ସଚେତନତା ମୂଳକ କାର୍ଯ୍ୟକ୍ରମ ମାନ ଆୟୋଜିତ କରିଆସୁଛନ୍ତି। ପରିବେଶ ସଚେତନତା ଓ ଜଳବାୟୁ ପରିବର୍ତ୍ତନରେ ମନୁଷ୍ୟ ଶରୀରର ପ୍ରଭାବ ଏବଂ ତା'ର ପ୍ରତିକାର ସମ୍ବନ୍ଧରେ ଶିବିର ମାନ ଆୟୋଜନ କରିବା ସହ ବ୍ୟାପକ ବୃକ୍ଷରୋପଣ କରାଯିବ ବୋଲି ପ୍ରମୁଖ ଆୟୋଜକ ଓ ସଂଯୋଜକ ପାର୍ଥସାରଥୀ ସୂଚନା ପ୍ରଦାନ କରିଥିଲେ।

# ଭୟାନକ ଯକ୍ଷ୍ମା ଓ ଯକୃତ୍ ସଂକ୍ରମଣ

**୧**୮୮୨ ମସିହା। ସେତେବେଳେ ୟୁରୋପ ଏବଂ ଆମେରିକା ମହାଦେଶରେ ଥିଲା ଯକ୍ଷ୍ମାର ପ୍ରାଦୁର୍ଭାବ। ଏହି ରୋଗରେ ପ୍ରାୟ ପ୍ରତି ସାତ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରୁଥିଲେ। ଏହାର ଭୟାବହତାକୁ ଲକ୍ଷ୍ୟ କରିଥିଲେ ବର୍ଲିନର ଡାଃ ରବର୍ଟ କୋକ୍। ତା'ପରେ ସେ ଲାଗିପଡ଼ିଲେ ଏହି ରୋଗ ପଛରେ ଥିବା କାରଣକୁ ଖୋଳିବା ପାଇଁ। ବାସ୍, ତା'ପରେ ଡାଃ କୋକ୍ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଯୋଡ଼ିଥିଲେ ସଫଳତାର ଆଉ ଏକ ଫର୍ଦ୍ଦ। ଦୀର୍ଘଦିନର ଗବେଷଣା ପରେ ସେ ଚିହ୍ନଟ କରିଥିଲେ ଯକ୍ଷ୍ମା ପାଇଁ ଦାୟୀ ବ୍ୟାକ୍ଟେରିଆକୁ। ଏହି ବ୍ୟାକ୍ଟେରିଆକୁ ଡାଃ କୋକ୍ 'ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍' ନାମରେ ନାମିତ କରିଥିଲେ। ତା'ପରେ ଯକ୍ଷ୍ମାର ଚିହ୍ନଟ ଏବଂ ଚିକିତ୍ସା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଥିଲା। ଯେଉଁଦିନ ସେ ଏହି ଐତିହାସିକ ସଫଳତା ହାସଲ କରିଥିଲେ ତାହା ଥିଲା ୧୮୮୨ ମାର୍ଚ୍ଚ ୨୪ ତାରିଖ। ଆଉ ସେହି ଦିନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ପାଳିତ ହୋଇ ଆସୁଛି 'ବିଶ୍ୱ ଯକ୍ଷ୍ମା ଦିବସ'। ସମଗ୍ର ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଏହି ଦିବସର ପ୍ରମୁଖ ଲକ୍ଷ୍ୟ। ଅନେକ ଲୋକ ଅଛନ୍ତି ଯେଉଁମାନେ ଏହି ରୋଗର ଲକ୍ଷଣ ସମ୍ପର୍କରେ ସଚେତନ ନୁହନ୍ତି। କେତେକ ଜାଣିପାରିଲେ ମଧ୍ୟ ତାହାର ଚିକିତ୍ସା ସଠିକ୍ ସମୟରେ କରାଇ ନଥାନ୍ତି, ଯାହାଫଳରେ ପରବର୍ତ୍ତୀ ସମୟରେ ରୋଗ ଜଟିଳ ଆକାର ଧାରଣ କରିଥାଏ। ଏହି ଦିବସ ଅବସରରେ ବିଶ୍ୱର ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ର, ସଚେତନତା ଶିବିର, ଚିକିତ୍ସା ଶିବିର ଆଦି ଆୟୋଜିତ ହୋଇଥାଏ। ଲୋକମାନଙ୍କୁ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରାଇବା ଉକ୍ତ ଦିବସର ଅସଲ ଉଦ୍ଦେଶ୍ୟ। ଆଉ ଏହି ଦିବସ ପାଳନ ଅବସରରେ ସର୍ବାଗ୍ରେ ସ୍ମରଣ କରାଯାଇଥାଏ ଡାଃ କୋକ୍‌ଙ୍କୁ। ୧୯୮୨ରେ ଇଣ୍ଟରନ୍ୟାସନାଲ ୟୁନିୟନ ଏଗେନ୍‌ଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ ଲଙ୍ଗସ ଡିଜିଜ୍ (ଆଇୟୁଏଟିଏଲଡ଼ି) ଆନୁକୂଲ୍ୟରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହୋଇଥିଲା। ଏହି ଅବସରରେ ଯକ୍ଷ୍ମାର ନିରାକରଣ ପାଇଁ ଉପରୋକ୍ତ ସଂସ୍ଥା ପକ୍ଷରୁ ମାର୍ଚ୍ଚ ୨୪ ତାରିଖକୁ 'ବିଶ୍ୱଯକ୍ଷ୍ମା ଦିବସ' ରୂପରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ୧୯୯୬ରେ ଆଇୟୁଏଟିଏଲଡ଼ି ସହ ଏହି ଅଭିଯାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ହାତ ମିଳାଇଥିଲା। ସମ୍ପ୍ରତି ବିଶ୍ୱସ୍ତରରେ ନିଜର ଭୟଙ୍କର କାୟା ମେଲିଥିବା ଯକ୍ଷ୍ମା ଆରୋଗ୍ୟସାଧ୍ୟ ହେଲେ ମଧ୍ୟ ଏହି ରୋଗ ସମ୍ପର୍କରେ ପ୍ରତିବର୍ଷ ସଚେତନତା ସୃଷ୍ଟି କରାଯାଉଥିଲେ ବି ଏହାକୁ ଆହୁରି ସୁଦୂରପ୍ରସାରୀ କରିବାକୁ ସମସ୍ତଙ୍କର ସହଯୋଗ ଲୋଡ଼ା। ଯକ୍ଷ୍ମା ଦିବସ ଅବସରରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ ପକ୍ଷରୁ ପ୍ରକାଶିତ ବାର୍ତ୍ତାରେ ମତବ୍ୟକ୍ତ କରାଯାଇଛି ଯେ ସମସ୍ତେ ଯେପରି ଏହି ରୋଗର ନିରାକରଣ ପ୍ରତି ଆଗ୍ରହ ପ୍ରକାଶ କରିବା ଦରକାର। ସଚେତନତା ସୃଷ୍ଟି ସହ ଏହି ରୋଗକୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବାଲାଗି ସମସ୍ତେ ହାତ ମିଳେଇ କାମ କରିବା ଜରୁରୀ। ନହେଲେ ଏହାର ନିରାକରଣ ସମ୍ଭବ ହୋଇପାରିବ ନାହିଁ। ସମ୍ପ୍ରତି ଭୟାବହ ଯକ୍ଷ୍ମାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ କେନ୍ଦ୍ରସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଡେନ୍‌ମାର୍କ ସରକାରଙ୍କ ଡାନିଡ଼ା ପ୍ରକଳ୍ପ ହେଉ ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଯକ୍ଷ୍ମାରୋଗ ପାଇଁ ବିଭିନ୍ନ ତତ୍‌କାଳ ପଦକ୍ଷେପ ଦ୍ୱାରା ଏହାର ନିରାକରଣ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ସମ୍ପ୍ରତି ସରକାର ଯକ୍ଷ୍ମାରୋଗ ପାଇଁ ଡଟ୍‌ସ୍ ପଦ୍ଧତିକୁ ରୋଗୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ିକର୍ମୀ, ଆଶା କର୍ମୀଙ୍କ ଠାରୁ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ଏହାର ନିରାକରଣ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ବେଶ୍ ସଫଳ ହୋଇଛନ୍ତି। ସରକାରଙ୍କୁ ବିଭିନ୍ନ ବେସରକାରୀ ସଂଗଠନ ମଧ୍ୟ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ସଚେତନଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ଯକ୍ଷ୍ମାର ଭୟାବହତାକୁ ଲୋକମାନଙ୍କ ଭିତରୁ ଦୂରେଇ ପାରିବା ସହ ସେମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପହଞ୍ଚାଇ ପାରିଛି। ଯକ୍ଷ୍ମା ଏକ ଭୟାନକ ସଂକ୍ରମିତ ରୋଗ ହୋଇଥିଲେ ବି ପ୍ରାଥମିକ ଅବସ୍ଥାରେ କଫ ପରୀକ୍ଷା ଦ୍ୱାରା ଏହାର ନିରାକରଣ ନୁହେଁ ବରଂ ମୂଳପ୍ପୋଟନ ମଧ୍ୟ ହୋଇପାରୁଛି। ଯକ୍ଷ୍ମା କ୍ଷେତ୍ରରେ ଜଣେ ରୋଗୀକୁ ଦୀର୍ଘଦିନ ଧରି କାଶ ହେଉ ବା ଜ୍ୱର, ରାତିରେ ଝାଳ ବୋହିବା ଠାରୁ ଭୋକ କମିଯିବା, ଓଜନ କମିଯିବା ଓ ଛାତିରେ ଯନ୍ତ୍ରଣା ହେବାପରି ଲକ୍ଷଣ ଶରୀରରେ ପ୍ରକାଶ ପାଇଥାଏ । ଶରୀରର ସମସ୍ତ ଅଙ୍ଗକୁ ଏହି ଯକ୍ଷ୍ମା ଜୀବାଣୁ ଆକ୍ରାନ୍ତ କରେ। ସାଧାରଣତଃ ଫୁସ୍‌ଫୁସ୍‌କୁ ଏହା ପ୍ରଥମେ ଆକ୍ରମଣ କରେ ଓ ପରବର୍ତ୍ତୀ କ୍ଷେତ୍ରରେ ଏହା ଶରୀରର ସମସ୍ତ ଅଙ୍ଗକୁ ଆକ୍ରାନ୍ତ କରେ। ରୋଗୀର ରୋଗପ୍ରତିରୋଧକ ଶକ୍ତି ଉପରେ ଏହି ଆକ୍ରାନ୍ତର ଭୟାବହତା ନିର୍ଭର କରେ। ଖାଦ୍ୟନଳୀ, ଯକୃତ୍, ଅଗ୍ନ୍ୟାଶୟ, ବୃକକ୍, ମସ୍ତିଷ୍କ, ଅସ୍ଥି, ମଜ୍ଜା, ଗଣ୍ଠି, ଆଖି, ଜରାୟୁ, ଚମଡ଼ା ଓ ହୃଦ୍‌ଯନ୍ତ୍ର ଇତ୍ୟାଦି ଅଙ୍ଗ ଏହି ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୁଏ। ଏହି ସବୁ ରୋଗକୁ ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସମ୍ପୃକ୍ତ ରୋଗୀର କାଶ, କଫ, ଛେପ, ଖଙ୍କାର ଯେପରି କାହାର ସଂସ୍ପର୍ଶରେ ନ ଆସେ ସେଥିପ୍ରତି ସଜାଗ ହେବା। ତେବେ ଯକ୍ଷ୍ମା ଆଉ ଭୟାନକ ହୋଇରହି ନାହିଁ ଏବଂ ଡାକ୍ତର କୋକ୍‌ଙ୍କ ଦୀର୍ଘଦିନର ଗବେଷଣାର ଫଳ ଆଜି ସଫଳ ହୋଇଛି। ବେଳେ ବେଳେ ଏହି ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍ ଡଟ୍‌ସ ଚିକିତ୍ସା ପଦ୍ଧତିରେ ନିୟନ୍ତ୍ରଣ ହୁଏ ନାହିଁ। ଏହି କ୍ଷେତ୍ରରେ ଦ୍ୱିତୀୟସ୍ତରର ଚିକିତ୍ସା ପଦ୍ଧତିକୁ ଅନୁସରଣ କରାଯାଏ। ଏହାକୁ ଡ୍ରଗ୍ ରେଜିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍‌ରେ ଦୀର୍ଘ ସମୟ ପାଇଁ (ଏକବର୍ଷରୁ ଦେଢ଼ବର୍ଷ) ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଯକୃତ୍ ଓ ଖାଦ୍ୟନଳୀ ଟ୍ୟୁବରକ୍ୟୁଲୋସିସ୍‌ରେ ମଧ୍ୟ ଏକବର୍ଷରୁ ଦେଢ଼ବର୍ଷ ପର୍ଯ୍ୟନ୍ତ ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଏହି ଚିକିତ୍ସା ସମୟରେ ବେଳେ ବେଳେ ରୋଗୀ ଜଣ୍ଡିସ୍‌ରେ ଆକ୍ରାନ୍ତ ହୁଏ ଓ ଏହା ଏକ ମାରାତ୍ମକ ଜଣ୍ଡିସ୍। ଏହି ମାରାତ୍ମକ ଜଣ୍ଡିସ୍ ସାଧାରଣତଃ ଟି.ବି. ଔଷଧର ପ୍ରତିକ୍ରିୟାରୁ ହୋଇଥାଏ ଓ ଲିଭର ଅକାମୀ ହୋଇଯାଏ। ଏହି କ୍ଷେତ୍ରରେ ଲିଭର ପ୍ରତିରୋପଣ ଏକାନ୍ତ ଜରୁରୀ। ମଲ୍ଟିଡ୍ରଗ ରେସିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ ହେଉଛି ଏକ ଭୟାନକ ଯକ୍ଷ୍ମା ଯାହା ଲିଭରସିରୋସିସ୍, କ୍ୟାନସର, ଡାଇବେଟିସ ଓ ଏଡ଼ସ୍ ରୋଗୀ ମାନଙ୍କୁ ଆକ୍ରମଣ କରେ ଓ ଏହି ରୋଗର ଚିକିତ୍ସା ଅତ୍ୟନ୍ତ କଷ୍ଟସାଧ୍ୟ। ଆସନ୍ତୁ ଆଜି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏହାର ମୂଳପ୍ପୋଟନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ଦାୟିତ୍ୱ ପ୍ରତି ଗୁରୁତ୍ୱ ପ୍ରଦାନ କରିବା।



# କୃଷ୍ଣଦାସପୁରରେ ତ୍ରିଦିବସୀୟ ବାଦିପାଲା

ଭୁବନେଶ୍ୱର (ପିଏନ୍): ଆଧୁନିକତାର ପ୍ରଭାବ ହେଉ କିମ୍ବା ଓଡିଶା ଲୋକଙ୍କ ଅବହେଳା କାରଣରୁ ଓଡିଆ ପାଲା ସଂସ୍କୃତି ଲୋପ ହେବାକୁ ବସିଛି। ଏଭଳି ସମୟରେ ଏହାର ପୁନରୁଦ୍ଧାର ପ୍ରତ୍ୟେକ ଓଡିଆଙ୍କର କର୍ତ୍ତବ୍ୟ ବୋଲି କୃଷ୍ଣଦାସପୁର ଗ୍ରାମ ପଞ୍ଚାୟତର ମୁରବୀମାନେ କହିଛନ୍ତି। ବାଲୁଙ୍କେଶ୍ୱର ଜାଗରଯାତ୍ରା କମିଟି ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ବାଦିପାଲାରେ ଗାୟକ ଭାବେ ମାଳିକା ସମ୍ରାଟ ନେତ୍ରାନନ୍ଦ ଦାସ (ଛତିଆବଟ), ରସ ସାଗର କୁଳମଣି ପଣ୍ଡା (ବିଡାନାସୀ, କଟକ) ଯୋଗଦେଇ ମାଳିକା ଉପରେ ପାଲା ପରିବେଷଣ କରିଥିଲେ। କଳିଯୁଗରେ ଲୋକ କିଭଳି ଅତ୍ୟାଚାରୀ ହେଉଛି ଏବଂ ନିଜ ନିଜର କର୍ତ୍ତବ୍ୟକୁ ଭୁଲିଯିବେ ତାହା ବହୁପୂର୍ବରୁ ମହାପୁରୁଷ ଅଚ୍ୟୁତାନନ୍ଦ, ହାଡିଦାସ ଓ ଯଶବନ୍ତ ଲେଖିଯାଇଛନ୍ତି। ତାହାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇ ସମସ୍ତଙ୍କୁ ସତର୍କ ରହିବାକୁ ମାଳିକାରେ ବର୍ଣ୍ଣିତ ରହିଛି। ହଜାର ହଜାର ଶ୍ରୋତାଙ୍କ ଗହଣରେ ଦୁଇ ପାଲା ଗାୟକ ମାଳିକାକୁ ନେଇ ପାଲା ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କୃଷ୍ଣଦାସପୁରରେ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ଆରମ୍ଭ କରିଥିଲେ ସ୍ୱର୍ଗତଃ କୈଳାସ ଚନ୍ଦ୍ର ରଥ ଏବଂ ସ୍ୱର୍ଗତଃ ସରୋଜ ବେହେରା। ପରବର୍ତ୍ତୀ ସମୟରେ ସେମାନଙ୍କ ଦାୟାଦ କଳିଙ୍ଗ କେଶରୀ ରଥ ଏବଂ ବିଧାନ ମନୋହର ଏହାର ଆୟୋଜନ ଦାୟିତ୍ୱ ବୁଝୁଛନ୍ତି। ଚଳିତବର୍ଷ କମିଟି ପକ୍ଷରୁ କରୁଣାକର ଗୋଚ୍ଛାୟତ, ସରୋଜ କମାର ପଣ୍ଡା, ବୃନ୍ଦାବନ ସାମଲ, ଅନାମ ଚରଣ ନନ୍ଦ, ଚିତ୍ତରଂଜନ ସ୍ୱାଇଁ ଏବଂ ହାଡିବନ୍ଧୁ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଶ୍ରୀଶ୍ରୀ ଗୋପୀନାଥ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ନିଆଳି (ପିଏନ୍)–ନରିଶୋ ଗ୍ରାମର ଅରାଧ୍ୟ ଦେବତା ଶ୍ରୀଶ୍ରୀଗୋପୀନାଥ ଦେବଙ୍କ ନୂତନ ମନ୍ଦିର ଓ ପାର୍ଶ୍ୱଦେବତା ପ୍ରତିଷ୍ଠା କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ କରାଯାଇଛି। ଅଧିବାସ ଧାନ୍ୟାଧିବାସ କଳସ ଯାତ୍ରା ଘଟ ସ୍ଥାପନ, ଅଗ୍ନି ସ୍ଥାପନ ଦେବତା ଆବାହନ ନ୍ୟାସ ସୂର୍ଯ୍ୟପୂଜା ଧେନୁପୂଜା ଦେବତାଙ୍କ ଗ୍ରାମ ପରିକ୍ରମା, ବାସ୍ତୁହୋମ ପତାକା ସ୍ଥାପନ ଦେବତାଙ୍କ ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟ ଯଥାରିତିରେ କରାଯାଇଛି । ଗ୍ରାମବାସୀ ଙ୍କ ପୂର୍ଣ୍ଣ ସହଯୋଗରେ ସମସ୍ତକାର୍ଯ୍ୟ ଯଥାରିତିରେ କରାଯାଇଛି। ଶେଷ ଦିବସ ସଂନ୍ଧ୍ୟାରେ ଅନୁସୟା ନାଥ, ରବିନ୍ଦ୍ର କୁମାର ମହାପାତ୍ର ଓ ଦୁଃଖିଶ୍ୟାମ ତ୍ରୀପାଠୀ ଆଦି ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଛି। ରବିବାରଠାରୁ ବୁଧବାର ପର୍ଯ୍ୟନ୍ତ ଚାରିଦିନଧରି ଗ୍ରାମରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Sunday April 21, 2024 ଭୁବନେଶ୍ୱର ରବିବାର, ଅପ୍ରେଲ ୨୧,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ଟିକେଟ କଟିବା ନେଇ ଆଜି ସମୀର ସେନାଙ୍କ ଶକ୍ତି ପ୍ରଦର୍ଶନ

ନିମାପଡ଼ା,(ପି.ଏନ): ନିମାପଡ଼ାରେ ଏବେ ରାଜନୀତି ସରଗରମ।ଗତ ୨/୩ଦିନ ତଳେ ବିଜେଡି ତାର ପଞ୍ଚମ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରିଥିଲା।ଏଥି ମଧ୍ୟରୁ ପୁରୀ ଜିଲ୍ଲାର ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ ନିମାପଡ଼ା ପାଇଁ ଦଳ ନୂତନ ଭାବେ ବିଜେପିରୁ ଆସି ବିଜେଡିରେ ଯୋଗଦେଇଥିବା ଦିଲ୍ଲୀପ ନାୟକଙ୍କୁ ଟିକେଟ ପ୍ରଦାନ କରିଥିବା ବେଳେ ଏଠାରୁ ତିନି ତିନି ଥର ବିଧାୟକ ହୋଇଥିବା ସମୀର ରଞ୍ଜନ ଦାସଙ୍କୁ ଦଳ ଅଣଦେଖା କରିଥିବା ଅଭିଯୋଗ ଆଣିଛନ୍ତି ସମୀରଙ୍କ ସମର୍ଥକ। କେବଳ ସେତିକି ନୁହଁ ଦୁଇଦିନ ତଳେ ସମୀରଙ୍କ ସମର୍ଥନରେ ଥିବା ୪୬ ପଞ୍ଚାୟତର ଅନେକ ସରପଞ୍ଚ,ସମିତି ସଭ୍ୟ,ଜିଲ୍ଲା ପରିଷଦ ସଭ୍ୟ,ଦୁଇଟି ବ୍ଲକର ସଭାପତିଙ୍କ ସହିତ ଅନେକ ଛାମୁଆ ସଂଗଠନର ନେତା ଓ କର୍ମକର୍ତ୍ତା ମାନେ ସ୍ଥାନୀୟ ଗ୍ରୀନଲ୍ୟାଣ୍ଡ କଲ୍ୟାଣ ମଣ୍ଡପରେ ଏକତ୍ରିତ ହୋଇ ଏକ ପ୍ରତିବାଦ ସଭା ଆୟୋଜନ କରିଥିଲେ।ଏହି ସଭାରେ ସମସ୍ତ କର୍ମକର୍ତା ମାନେ ଟିକେଟ ଚୟନକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହିତ ପୁନଃ ବିଚାର କରାନଗଲେ ସମୂହ ଇସ୍ତଫା ଦେବା ପାଇଁ କହିଥିଲେ।ଶେଷ ପର୍ଯ୍ୟାୟରେ ଆୟୋଜିତ ସଭାରେ ବିଧାୟକ ସମୀର ରଞ୍ଜନ ଦାଶ ପହଞ୍ଚି କର୍ମକର୍ତ୍ତା ମାନଙ୍କୁ ଦଳ ବିରୋଧୀ କାର୍ଯ୍ୟ ନକରିବାକୁ ପରାମର୍ଶ ଦେବା ସହ ତାଙ୍କର ନେତା ନବୀନ ପଟ୍ଟନାୟକଙ୍କ ଉପରେ ତାଙ୍କର ବିଶ୍ୱାସ ଓ ଭରସା ରହିଛି ସେ ନିଶ୍ଚିନ୍ତ ପୁନଃବିଚାର କରିବେ ବୋଲି କହିଥିଲେ।ଏହା କହୁ କହୁ ମଧ କାନ୍ଦି ପକାଇଥିଲେ। ଆୟୋଜିତ ପ୍ରତିବାଦ ସଭାରେ କର୍ମକର୍ତ୍ତା ମାନେ ନିଷ୍ପତି କରିଥିଲେ ଯେ ଆଗାମୀ ୨୦ତାରିଖ ଅର୍ଥାତ୍ ଆଜି ନିମାପଡ଼ା ଐତିହାସିକ ବାରବାଟି ପଡ଼ିଆରେ ୩୦ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଏବଂ ସମସ୍ତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ମାନେ ଏକତ୍ରିତ ହୋଇ ଏକ ପ୍ରତିବାଦ ସଭା ଆୟୋଜନ କରିବେ।ଏହି ସଭାରେ ସମସ୍ତେ ଦଳର ମୁଖିଆ ନବୀନ ପଟ୍ଟନାୟକଙ୍କୁ ଦଳୀୟ ଟିକେଟର ପୁନଃବିଚାର କରାଯାଇ ସମୀରଙ୍କୁ ଟିକେଟ ପ୍ରଦାନ କରିବାକୁ ଅନୁରୋଧ କରିବେ।ତେବେ ଆଜି ସମୀର ସେନାର ଶକ୍ତି ପ୍ରଦର୍ଶନ ପରେ କଣ ଦଳୀୟ ନିଷ୍ପତି ଆସୁଛି କେବଳ ତାହାକୁ ଅପେକ୍ଷା।

## ଜିଲ୍ଲା ସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୪ ପାଳିତ




ମାଲକାନଗିରି,ପ୍ରଭାସ ପଣ୍ଡା,(ପି.ଏନ): ମାଲକାନଗିରି ଭାରତୀୟ ରେଡ଼କ୍ରସ ସୋସାଇଟି ନିର୍ଦ୍ଦେଶ କ୍ରମେ ଜିଲ୍ଲା ରେଡ଼କ୍ରସ ସୋସାଇଟି ମାଲକାନଗିରି ଏବଂ ଜିଲ୍ଲା ଯୁବ ରେଡ଼କ୍ରସ ମାଲକାନଗିରିର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୪ ସ୍ଥାନୀୟ ସତ୍ୟନାରାୟଣ ସେବିକା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ଏହି ସଭାରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ତଥା ଉପସଭାପତି ଜିଲ୍ଲା ରେଡ଼କ୍ରସ ସୋସାଇଟି ବେଦବର ପ୍ରଧାନ ଯୋଗଦାନ କରି ଏହି ଦିବସକୁ ଉଦଘାଟନ କରିବା ସହିତ ସ୍ୱାସ୍ଥ୍ୟ ପ୍ରତି ସମସ୍ତ ବ୍ୟକ୍ତି ସଚେତନ ହେବା ବୋଲି ପରାମର୍ଶ ଦେଇଥିଲେ । ଏହି ସଭାକୁ ଜିଲ୍ଲା ଯୁବ ରେଡକ୍ରସ ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ ଯୋଗଦାନ କରି ଆଜିର ଦିବସର ତାତ୍ପର୍ଯ୍ୟ ସହିତ ଛାତ୍ରଛାତ୍ରୀମାନେ ସ୍ୱସ୍ଥିୟ ଖାଦ୍ୟ, ବ୍ୟାୟାମ, ଯୋଗ ପ୍ରତ୍ୟେକ ଦିନ କରିବା ଉଚ୍ଚିତ ବୋଲି ମତ ପୋଷଣ କରିଥିଲେ ।ସଭା ପ୍ରାରମ୍ଭରେ ସତ୍ୟନାରାୟଣ ଶିକ୍ଷା ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଅଧକ୍ଷ ମାଲକାନଗିରି ମହାବିଦ୍ୟାଳୟ ଲିଙ୍ଗରାଜ ମିଶ୍ର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଜରୁରୀ କାଳୀନ ଅଧିକାରୀ ମୁନା ତୁରୁକୁ ଛାତ୍ରଛାତ୍ରୀଙ୍କୁ ଶାରୀରିକ, ମାନସିକ ଏବଂ ସାମାଜିକ ବିଷୟରେ ଆଲୋଚନା କରିଥିଲେ । ସଭା ପ୍ରାରମ୍ଭରେ ସାର ଜିନ ହେନେରୀ ଡୁନାକ୍ଷଣ୍ଟ ଙ୍କ ଫୋଟୋ ଚିତ୍ରରେ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୪ ର ସ୍ଲୋଗାନ ମୋ ସ୍ୱାସ୍ଥ୍ୟ, ମୋ ଅଧିକାର ବିଷୟରେ ଛାତ୍ରୀମାନେ ବକ୍ତୃତା ପ୍ରଦାନ କରିଥିଲେ । ଅପ୍ରେଲ ୭ ପ୍ରତ୍ୟେକ ବର୍ଷ ସ୍ୱାସ୍ଥ୍ୟ ଦିବସ ରୂପେ ୧୯୪୮ରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅନୁମୋଦନ କ୍ରମେ ପାଳନ ସହିତ ସ୍ୱାସ୍ଥ୍ୟ ପ୍ରତି ସଚେତନା ସୃଷ୍ଟି କରିବା ପାଇଁ ଏହି ଦିବସ ପାଳିତ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଯୁବ ରେଡ଼କ୍ରସ ସ୍ୱେଚ୍ଛାସେବୀ, ରେଡ ରିବନ କ୍ଲବର ସଦସ୍ୟ, ଅଧାପକ, ଅଧାପିକା ଏବଂ ଅଣ ଶିକ୍ଷକ କର୍ମଚାରୀ ସକ୍ରିୟ ଅଂଶ ଗ୍ରହଣ କରି ଏହି ଦିବସ ସଫଳ କରିବା ପାଇଁ ସହଯୋଗ କରିଥିଲେ । ସବା ଶେଷରେ ସୁସ୍ମିନ ସୁମନ କାର୍ତ୍ତିକ ଅଧାପିକା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପୋଷ୍ଟର ପ୍ରଦର୍ଶନ କରାଯାଇଥିଲା ।

## ପୁରନ୍ଦର ମିଶ୍ର ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ସୁସମ୍ପର୍କର ସର୍ବୋଚ୍ଚ ପ୍ରମାଣ



ରାୟପୁର,(ପି.ଏନ): ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ ସୁସମ୍ପର୍କ ର ସର୍ବୋଚ୍ଚ ପ୍ରମାଣ ହେଲେ ପୁରନ୍ଦର ମିଶ୍ର ବୋଲି ଛତିଶଗଡ଼ ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦ୍ୱେ ସାୟ ମତ ପ୍ରକାଶ କରିଛନ୍ତି।ଶ୍ରୀ ମିଶ୍ର ଛତିଶଗଡ଼ ବିଧାନସଭାକୁ ନିର୍ବାଚିତ ହେବା ଦ୍ୱାରା ଉଭୟ ରାଜ୍ୟବାସୀଙ୍କ ମଧ୍ୟରେ ରହିଥିବା ଆପୋଷ ମିତ୍ରତା ପ୍ରମାଣିତ ହୋଇଯାଇଛି ବୋଲି ଶ୍ରୀ ସାୟ କହିଛନ୍ତି। ଛତିଶଗଡ଼ ଓ ଓଡ଼ିଶାର ଅଧିବାସୀଙ୍କ ମଧ୍ୟରେ ରହିଥିବା ଉତ୍ତମ ଭାଇଚାରାର ଏହାଠାରୁ ଆଉ ବଡ଼ ଉଦାହରଣ କିଛି ହୋଇ ନପାରେ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।ଏଠାରେ ପ୍ରକାଶ ଯୋଗ୍ୟ ଯେ ପୁରନ୍ଦର ମିଶ୍ର ଏବେ ରାୟପୁର ନଗର ଉତ୍ତରର ବିଧାୟକ ରହିଥିବା ସାଙ୍ଗକୁ ଛତିଶଗଡ଼ ରେ ବସବାସ କରୁଥିବା ୩୫ଲକ୍ଷ ଓଡ଼ିଆ ଭାଷାଭାଷୀ ଜନସାଧାରଣଙ୍କୁ ନେଇ ଗଠିତ ସମଗ୍ର ଓଡ଼ିଆ ସମାଜର ପ୍ରଦେଶ ଅଧକ୍ଷ ଅଛନ୍ତି। ରାୟପୁର ଠାରେ ଆୟୋଜିତ ଉତ୍କଳ ଦିବସ ସମାରୋହ-୨୦୨୪ ରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ବିଷ୍ଣୁଦ୍ୱେ ସାୟ, ଉତ୍କଳ ଦିବସ କେବଳ ଛତିଶଗଡ଼ରେ ବସବାସ କରୁଥିବା ଓଡ଼ିଆ ଭାଷାଭାଷୀଙ୍କର ଉତ୍ସବ ନୁହଁ ବରଂ ସମଗ୍ର ଛତିଶଗଡ଼ବାସୀଙ୍କ ପାଇଁ ଏହା ଏକ ମହାନ ମଉଛବ ବୋଲି ଦର୍ଶାଇଛନ୍ତି। ତାଙ୍କର ନିଜ ନିର୍ବାଚନ ମଣ୍ଡଳୀ ଜଶପୁରର ସହର ଓ ଗ୍ରାମାଞ୍ଚଳରେ ବହୁ ସଂଖ୍ୟାରେ ଓଡ଼ିଶାବାସୀଙ୍କର ଉପସ୍ଥିତି, ଏହି ଦୁଇ ପ୍ରଦେଶର ନିବିଡ ସୌହାର୍ଦ୍ଦ୍ୟତାର ସ୍ୱାକ୍ଷର ବହନ କରୁଥିବା ଶ୍ରୀ ସାୟ ସୁଚାଇଛନ୍ତି। ଛତିଶଗଡ଼ ର ସମଗ୍ର ଓଡ଼ିଆ ସମାଜ ଏବଂ ରାୟପୁର ସ୍ଥିତ ଉତ୍କଳ ସାଂସ୍କୃତିକ ପରିଷଦର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ମହୋତ୍ସବରେ ପ୍ରାୟ ପାଞ୍ଚ ହଜାର ଓଡ଼ିଆ ଓ ଅଣଓଡ଼ିଆ ଜନସାଧାରଣ ସାମିଲ ହୋଇଥିବା ଦେଖାଯାଇଥିଲା।ସଭା ପୂର୍ବରୁ ସମଗ୍ର ଓଡ଼ିଆ ସମାଜର ଅଧକ୍ଷ ପୁରନ୍ଦର ମିଶ୍ରଙ୍କର ନେତୃତ୍ୱରେ ପ୍ରବାସୀ ଓଡ଼ିଆ ମାନଙ୍କର ଏକ ବିଶାଳ ଶୋଭାଯାତ୍ରା ଉତ୍ସବ ସ୍ଥଳକୁ ଆସିଥିଲା। ପ୍ରାରମ୍ଭରେ ଆଗନ୍ତୁକ ଅତିଥିମାନେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ନନ୍ଦିଘୋଷ ରଥର ଚକା ଦର୍ଶନ ଏବଂ ଚତୁର୍ଦ୍ଧାମୂର୍ତ୍ତିଙ୍କର ପୂଜାର୍ଚ୍ଚନା କରିଥିଲେ। ଏହାପରେ ମହିଳା ଥାନା ସାମ୍ନା ସ୍ଥିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ର ନିର୍ମାତା ମଧୁସୂଦନ ଦାସଙ୍କର ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା। ସମାବେଶକୁ ସମ୍ବୋଧନ କରି ମୁଖ୍ୟଅତିଥି ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓଡ଼ିଶାର ଗୌରବମୟ ଇତିହାସ ଏବଂ ଗାରିମା ଗାଥା ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ବୋଲି କହିଥିଲେ। ରାଜ୍ୟର ଭାଷା, କଳା ଓ ସଂସ୍କୃତି ର ପ୍ରସାରଣ ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ ଓ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପରି ମହାପୁରୁଷମାନଙ୍କର ଯୋଗଦାନ ସଦା ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ହରିଚନ୍ଦନ ସୁଚାଇ ଥିଲେ।ସଭାରେ ଉଦବୋଧନ ଦେଇ ବିଧାୟକ ଶ୍ରୀ ମିଶ୍ର ଛତିଶଗଡ଼ ରେ ବସବାସ କରୁଥିବା ଓଡିଶାବାସୀ ଙ୍କର ରାଜ୍ୟର ପ୍ରଗତି ନେଇ ବ୍ୟାପକ ଯୋଗଦାନ ରହିଥିବା ଉଲ୍ଲେଖ କରିଥିଲେ। ଛତିଶଗଡ଼ରେ ଥିବା ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ଶିକ୍ଷାକୁ ଏକ ବିଷୟ ଭାବରେ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପାଇଁ ଶ୍ରୀ ମିଶ୍ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଙ୍କର ସାମନାରେ ଦାବୀ ଉପସ୍ଥାପନ କରିଥିଲେ।ଏହି ଅବସରରେ ବିଶିଷ୍ଟ ବୁଣାକାର ସାରିକା ମେହେରଙ୍କୁ ତାଙ୍କର ଉତ୍କୃଷ୍ଟ କାର୍ଯ୍ୟ କୁଶଳତା ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରେ ଉପ-ମୁଖ୍ୟମନ୍ତ୍ରୀ ଅରୁଣ ସାଓ, ସାଂସଦ ସୁନୀଲ ସୋନି, ବିଧାୟକ ମୋତିଲାଲ ସାହୁ, ମେୟର ଇଯାଜ ଦେବର, ଉତ୍କଳ ସାଂସ୍କୃତିକ ପରିଷଦର ଅଧକ୍ଷ ଡ଼ଃ କେ.କେ ଭୋଇ, ଘାସି ସମାଜର ଅଧକ୍ଷ ରାଜେନ୍ଦ୍ର ବେହେରା, ଗଣା ସମାଜର ଅଧକ୍ଷ ଓକିଲ ତାଣ୍ଡି, ଆଦିବାସୀ ସମାଜର ଅଧକ୍ଷ ନାରାୟଣ ପ୍ରସାଦ ନରୌଜି, ସମଗ୍ର ଓଡିଆ ସମାଜର ସଂଗଠନ ମହାସଚିବ ସତ୍ୟଦେବ ଶର୍ମା, ମୁଖପାତ୍ର ଗୁଣନିଧି ମିଶ୍ର ଓ ୱାର୍ଲଡ଼ ଓଡ଼ିଶା ସୋସାଇଟିର ଛତିଶଗଡ଼ ଶାଖାର ଉପ-ସଭାପତି ପୀୟୁଷ ମିଶ୍ର ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

## କଂଗ୍ରେସର ନ୍ୟାୟପତ୍ର ନିଷ୍ପେସିତ ଜନତାଙ୍କ ସ୍ୱର

ଭୁବନେଶ୍ୱର,(ପି.ଏନ): ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟଯାତ୍ରା ସମୟରେ ଜନସାଧାରଣଙ୍କ ସହିତ ତାଙ୍କର ଭାବ ବିନିମୟକୁ ଆଧାର କରି ଭାରତୀୟ ଜାତୀୟ କଂଗ୍ରେସ ତା'ର ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିଛି। ବିଶେଷ କରି ଯୁବ ନ୍ୟାୟ, ନାରୀ ନ୍ୟାୟ, କୃଷକ ନ୍ୟାୟ, ଶ୍ରମିକ ନ୍ୟାୟ ଓ ଭାଗିଦାରୀ ନ୍ୟାୟ ଆଦି ୫ ନ୍ୟାୟ ଓ ୨୫ ଗ୍ୟାରେଂଟି ଉପରେ ଏହି ଇସ୍ତାହାର ପ୍ରସ୍ତୁତ। ଏହି ନ୍ୟାୟପତ୍ର କେବଳ ନିର୍ବାଚନୀ ଘୋଷଣାପତ୍ର ନୁହେଁ, ଏହା ଦେଶର ଗରିବ ନିଷ୍ପେସିତ ଜନସାଧାରଣଙ୍କ ସ୍ୱର ବୋଲି ଏଆଇସିସି ଗଣମାଧ୍ୟମ ସଂଯୋଜିକା ବବିତା ଶର୍ମା କହିଛନ୍ତି। ରବିବାର କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତି ଶର୍ମା କହିଲେ ଯେ ବର୍ତମାନ ଦେଶରେ ଅନ୍ୟାୟର ଶିକାର ହେଉଥିବା କୃଷକ, ଯୁବବର୍ଗ, ମହିଳା, ଶ୍ରମିକ ଏବଂ ଆଦିବାସୀଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ କଂଗ୍ରେସ ପ୍ରତିଶ୍ରୁତି ବଦ୍ଧ। ବିଶେଷ କରି ପ୍ରତ୍ୟେକ ଶିକ୍ଷିତ ଯୁବକ ଯୁବତୀଙ୍କୁ ଆପ୍ରେଂଟିସିପ୍ ପାଇଁ ୧ଲକ୍ଷ ଟଙ୍କା ପ୍ରଦାନ, ୩୦ଲକ୍ଷ ନୂତନ ସରକାରୀ ଚାକିରି, ପ୍ରଶ୍ନପତ୍ର ପ୍ରଘଟ ବନ୍ଦ କରିବା, ଗିଗ୍ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ଏବଂ ଯୁବବର୍ଗଙ୍କ ପାଇଁ ୫୦୦୦ କୋଟି ଟଙ୍କାର ଷ୍ଟାର୍ଟଅପ୍ ପାଣ୍ଠି ଗଠନ କରିବାକୁ କଂଗ୍ରେସ ନିଷ୍ପତି ନେଇଛି। ସେହିପରି କୃଷକମାନଙ୍କୁ ଏମଏସ୍‌ପି ପ୍ରଦାନ, କୃଷିରଣ ଛାଡ଼ ପାଇଁ ଆୟୋଗ ଗଠନ, ୩୦ଦିନ ଭିତରେ ଫସଲହାନୀର କ୍ଷତିପୂରଣ ପ୍ରଦାନ, ନୂତନ ଆମଦାନୀ ରପ୍ତାନୀ ନୀତି ଏବଂ କୃଷିକୁ ଜିଏସ୍‌ଟି ମୁକ୍ତ କରିବାକୁ କଂଗ୍ରେସ ଗ୍ୟାରେଂଟି ଦେଉଛି। ଏଥିସହ ମହିଳାମାନଙ୍କୁ ନ୍ୟାୟ ଓ ସେମାନଙ୍କ ଅଧିକାର ପ୍ରଦାନ ପାଇଁ କଂଗ୍ରେସ ବିଶେଷ ଧ୍ୟାନ ଦେଇଛି। ମହାଲକ୍ଷ୍ମୀ ଯୋଜନାରେ ପ୍ରତ୍ୟେକ ଗରିବ ପରିବାରର ଜଣେ ମହିଳାଙ୍କୁ ବର୍ଷକୁ ୧ଲକ୍ଷ ଟଙ୍କା ପ୍ରଦାନ, କେନ୍ଦ୍ର ସରକାରଙ୍କ ନୂତନ ନିଯୁକ୍ତିରେ ମହିଳାଙ୍କ ପାଇଁ ୫୦% ସଂରକ୍ଷଣ, ଆଶା, ଅଙ୍ଗନବାଡି ଓ ମଧ୍ୟାହ୍ନଭୋଜନ କର୍ମଚାରୀଙ୍କ ଦରମା ଦୁଇଗୁଣ କରିବା, ପ୍ରତି ପଂଚାୟତରେ ଅଧିକାର ମିତ୍ର ନିଯୁକ୍ତି, କର୍ମଜୀବୀ ମହିଳାଙ୍କ ପାଇଁ ୨ଗୁଣ ଅଧିକ ହଷ୍ଟେଲ ନିର୍ମାଣ କରାଯିବ। ସେହିପରି ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରି ୪୦୦ ଟଙ୍କା କରିବା, ସେମାନଙ୍କୁ ୨୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଦାନ, ଜୀବନ ବୀମା ଓ ରୋଜଗାର ସୁରକ୍ଷା ପ୍ରଦାନ ନିମନ୍ତେ କଂଗ୍ରେସ ପ୍ରତିଶ୍ରୁତି ବଦ୍ଧ ବୋଲି ଶ୍ରୀମତି ଶର୍ମା କହିଛନ୍ତି।ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ମୁଖ୍ୟ ଡ.ବିଶ୍ୱରନ ମହାନ୍ତି କହିଲେ ଯେ ଓଡ଼ିଶାର ଆଦିବାସୀ, ଅନୁସୂଚୀ ଜାତି ଓ ଅନୁସୂଚୀତ ଜନଜାତି ବର୍ଗଙ୍କୁ କଂଗ୍ରେସ ତା'ର ନିର୍ବାଚନୀ ଇସ୍ତାହାରରେ ବିଶେଷ ଗୁରୁତ୍ୱ ଦେଇଛି। ଆମ ରାଜ୍ୟରେ ୨୩% ହେଉଛନ୍ତି ଆଦିବାସୀ। ଅର୍ଥାତ୍ ଓଡ଼ିଶାର ମୋଟ୍ ଜନସଂଖ୍ୟା ସାଢ଼େ ୪କୋଟିରୁ ସେମାନଙ୍କ ସଂଖ୍ୟା ହେଉଛି ୧କୋଟି। କଂଗ୍ରେସ ସବୁବେଳେ ସାମାଜିକ ନ୍ୟାୟ ଓ ଅଧିକାର ପାଇଁ ଲଢ଼େଇ କରିଆସିଛି। କିନ୍ତୁ ବିଜେଡିର ୨୪ବର୍ଷର ଶାସନ ପରେ ମଧ ଆମ ରାଜ୍ୟରେ ଆଦିବାସୀଙ୍କୁ ଉଚିତ୍ ନ୍ୟାୟ ଓ ଅଧିକାର ମିଳିପାରି ନାହିଁ। ଆଦିବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଅଧିକାର ମିଳିନାହିଁ। କେବଳ ନିର୍ବାଚନ ସମୟରେ ବିଜେଡି ସରକାର କେନ୍ଦୁପତ୍ର ତୋଳାଳିଙ୍କୁ କିଛି ବୋନସ ଦେବାର ପ୍ରତିଶ୍ରୁତି ଦେଇ ବାହା ବାଃ ନେଉଛନ୍ତି। କଂଗ୍ରେସ ସରକାର ୨୦୦୬ରେ ଆଦିବାସୀଙ୍କୁ ଜଳ, ଜଙ୍ଗଲ ଓ ଜମି ଅଧିକାର ଦେଇଥିଲା। ମାତ୍ର ବିଜେଡି ଓ ବିଜେପି ସରକାରଙ୍କୁ ହାତ କରି ପୁଂଜିପତିମାନେ ତାହା ଛଡ଼ାଇ ନେଇଛନ୍ତି। ଆଦିବାସୀମାନଙ୍କୁ ଅଦ୍ୟାବଧି ଜମି ପଟ୍ଟା ମିଳିପାରିନାହିଁ। ତେଣୁ କେନ୍ଦ୍ରରେ କଂଗ୍ରେସ କ୍ଷମତାକୁ ଆସିଲେ ଆଦିବାସୀଙ୍କ ଜଙ୍ଗଲ ଅଧିକାର ପାଇଁ ସ୍ୱତନ୍ତ୍ର ବଜେଟ୍ ଆଣିବା ସହ ଏହାକୁ କାର୍ଯ୍ୟକାରୀ କରିବାକୁ ସ୍ୱତନ୍ତ୍ର ଯୋଜନା କରାଯିବ। ସେହିପରି ରାଜ୍ୟରେ କଂଗ୍ରେସ ସରକାର ଆସିଲେ ପେସା ଆଇନ୍ ଲାଗୁ କରାଯିବ। ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି (ପ୍ରିଭେନ୍‌ସନ ଅଫ୍ ଆଟ୍ରୋସିଟିଜ) ଆକ୍ଟ ୧୯୮୯କୁ ପୁନଃ କାର୍ଯ୍ୟକ୍ଷମ କରାଯିବ। ଆଦିବାସୀମାନଙ୍କୁ ଆଇନଗତ ସହାୟତା ପ୍ରଦାନ ପାଇଁ ହେଲ୍‌ପଲାଇନ୍ ନମ୍ବର ଜାରି କରାଯିବ। ଯେଉଁ ଅଂଚଳରେ ଆଦିବାସୀଙ୍କ ସଂଖ୍ୟା ଅନ୍ୟମାନଙ୍କଠାରୁ ଅଧିକ ସେହି ଅଂଚଳକୁ ଆଦିବାସୀ ଅଂଚଳ ଭାବେ ଘୋଷଣା କରାଯିବ। ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନରେ ହିଂସା ଓ ନିର୍ଯାତନାର ଶିକାର ହେଉଥିବା ଆଦିବାସୀ ପିଲାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ କଂଗ୍ରେସ ରୋହିତ ଭେମୁଲା ଆକ୍ଟ ନାମରେ ଏକ ଆଇନ୍ ଆଣିବ। ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ପିଲାମାନଙ୍କ ଶିକ୍ଷାର ବିକାଶ ପାଇଁ ଆମ୍ବେଦକର ଭବନ ଓ ପାଠାଗାର ପ୍ରତିଷ୍ଠା କରାଯିବ ବୋଲି ଡ. ମହାନ୍ତି କହିଛନ୍ତି। ବର୍ତମାନର ଦଳବଦଳି ପ୍ରସଙ୍ଗରେ ସେ କହିଲେ ଯେ ରାଜ୍ୟରେ ଏବେ ମ୍ୟାଚ୍ ଫିକ୍ସିଂ ଖେଳ ଚାଲିଛି। ବିଜେଡି ଓ ବିଜେପି ସଲାସୁତରା ହୋଇ ନିର୍ବାଚନ ଲଢୁଛନ୍ତି। ବିଜୁ ଜନତା ଦଳ ନିଜ ଉପରେ ଆସ୍ଥା ହରାଇଛି। ବିଜେଡି ନେତାମାନଙ୍କୁ ଜନସାଧାରଣ ପ୍ରତ୍ୟାଖ୍ୟାନ କରିଛନ୍ତି। ତେଣୁ ସେମାନେ କଂଗ୍ରେସରୁ ନେତାଙ୍କୁ ନେଇ ପ୍ରାର୍ଥୀ କରୁଛନ୍ତି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities



TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray